# ତୃତୀୟ ଅଧ୍ୟାୟ

# ବାଥୁଡ଼ି ଲୋକକାହାଣୀ

କ) ସାମାଜିକ ଜୀବନ ବିଷୟକ

ଖ) ରାଜାମନ୍ତ୍ରୀ, ସାଧବ, କଟୁଆଳ ବିଷୟକ

ଗ) ପଶୁପକ୍ଷୀ ବିଷୟକ

ଘ) ଅସୁର ଅସୁରୁଣୀ ବିଷୟକ

ଙ) ଦେବତା ବିଷୟକ

ଲୋକକାହାଣୀ କେବେ ଆରମ୍ଭ ହେଲା କହିବା ଅସମ୍ଭବ। ଅନୁମାନ କରାଯାଏ ଯେ ମାନବର ଜନ୍ମ ସହିତ କାହାଣୀ ସୃଷ୍ଟିଲାଭ କରିଛି। ଏହା ପ୍ରାଚୀନ ଅଟେ। ପ୍ରାଚୀନରୁ ମାନବ ନିଜର ଅନୁଭୂତିକୁ ଅନ୍ୟ ନିକଟରେ କାହାଣୀ ମାଧ୍ୟମରେ ପ୍ରକାଶ କରିଛି। ତା' ଭିତରେ ପ୍ରକାଶ୍ୟ ଭାବରେ ନିଜ ଜୀବନର କଥା କହିଦେଇଛି।

ଅଝଟପିଲା ବା ଦୁଷ୍ଟପିଲାକୁ ଶାନ୍ତ କରିବା ପାଇଁ ବୃଦ୍ଧ ଓ ବୃଦ୍ଧାମାନେ ଲୋକଗଳ୍ପର ଅବତାରଣା କରୁଥିଲେ, ଯେଉଁଥିରେ ଅଲୌକିକ ଶକ୍ତି, କାଉଁରୀ ମନ୍ତ୍ରର ପ୍ରୟୋଗ ଓ ଜୀବଜନ୍ତୁ ନୀର୍ଜିବ ବସ୍ତୁରେ ମାନବୀୟ ଅବତାରଣା ଦ୍ୱାରା ସମୃଦ୍ଧ। ହୁଏତ ଲୋକକାହାଣୀ ଗୁଡ଼ିକ ସଂଘବଦ୍ଧ ଭାବରେ ଜୀବନଯାପନ କରିବା ପରଠୁ ଆରମ୍ଭ ହୋଇଥିବାର ଅନୁମାନ କରାଯାଏ। ଅନାଦି ଚରଣ ଗାଁଣଙ୍କ ମତରେ – ''ସମୟର ଅବଲୀଳାକ୍ରମେ କର୍ମ ଜଞ୍ଜାଳ ମୁହୂର୍ତ୍ତମାନଙ୍କୁ ସାମୟିକ ଆନନ୍ଦ ପ୍ରଦାନ ପାଇଁ ସେ ସୃଷ୍ଟି କଲା କାହାଣୀ କହିବାକୁ।''(୧)

ମାନବ ସମାଜକୁ ଆନନ୍ଦ ଦାନ, ଉପଦେଶ ମାଧ୍ୟମରେ ନୀତିଶିକ୍ଷା, ଭୁଲ୍ ଠିକ୍‌ର ଅବତାରଣା କରି ମାନବ ସମାଜକୁ ଶୃଙ୍ଖଳିତ କରିବା ଦିଗରେ ଲୋକକାହାଣୀର ଅବଦାନ ଯଥେଷ୍ଟ ଆଗରେ। ଅଝଟ ପିଲାକୁ ବୁଝେଇବା ଓ ସମୟର ଅପନୋଦନ ପାଇଁ କଥକ କାହାଣୀ କହିଛି। କାହାଣୀ ଭିତରେ ଉପକାହାଣୀ ଓ ଉପକାହାଣୀ ଭିତରେ ଶାଖା କାହାଣୀ, ଏହିପରି କହି କହି କଥକ ଶ୍ରୋତାର ମନୋରଂଜନ କରିଛି। ଏଥିରେ ବାସ୍ତବ ଅପେକ୍ଷା ଅବାସ୍ତବର ଚିତ୍ର ମାତ୍ରାଧିକ ଥିଲେ ବି ମାନବ ସମାଜର ଜନଜୀବନର ଚଳଣି ଓ ଚିନ୍ତାଧାରା ପ୍ରକାଶିତ ହୋଇଥାଏ। ସୂର୍ଯ୍ୟ ନାରାୟଣ ଦାସଙ୍କ ମତରେ – ''ଏ ଭିତରୁ ଅଧିକାଂଶ ଉପଦେଶାତ୍ମକ, କେତୋଟି ବ୍ୟଙ୍ଗାତ୍ମକ ଗଳ୍ପରେ ଦେଖିବାକୁ ମିଳେ, ସମସ୍ୟାର ସମାଧାନ ଏହାଦ୍ୱାରା ହିଁ ସମ୍ଭବ ହୋଇଥାଏ। ପଶୁ ପକ୍ଷୀ, ଭୂତ, ପ୍ରେତ ଓ ବେତାଳ ପ୍ରଭୃତି ମଧ୍ୟ କଥାବାର୍ତ୍ତା କରି ସମସ୍ୟା ସମାଧାନରେ ସହଯୋଗ କରନ୍ତି।''(୨)

ମୌଖିକ ଭାବେ ପିଢ଼ି ପରେ ପିଢି ପ୍ରଚଳିତ କାହାଣୀ ଲୋକକାହାଣୀ। ଏହା ଯୁଗ ଅନୁଯାୟୀ ପରିବର୍ତ୍ତନ ହୋଇଯାଇପାରେ। ପିଢ଼ି ପରେ ପିଢ଼ିକୁ ଗତିଶୀଳ ହେଲାବେଳକୁ ଚରିତ୍ରରେ, ଭାଷାରେ

ପରିବର୍ତ୍ତନ ହୋଇଯାଏ। ରାଜରାଣୀ, ଦେବତା, ଅସୁର, ରାକ୍ଷସ, ଜୀବଜନ୍ତୁ, ସରୀସୃପ, ନିର୍ଜୀବ ବସ୍ତୁ, ଓ କଳ୍ପଲୋକକୁ କେନ୍ଦ୍ରକରି କଥିତ ହେଉଥିବା ଏହି ଲୋକକାହାଣୀ ବିସ୍ମୟକର, ଆଲୌକିକତାର ଚିତ୍ର ଦ୍ୱାରା ରଞ୍ଜିତ ହୋଇଥାଏ।

ଶ୍ୟାମସୁନ୍ଦର ମହାପାତ୍ର ଲୋକକାହାଣୀ ସମ୍ପର୍କରେ କହନ୍ତି – ''ମାନସିକ ସ୍ୱାସ୍ଥ୍ୟପାଇଁ ଏହାର ଆବଶ୍ୟକତା ଅପରିସୀମ। କିମ୍ବଦନ୍ତୀ ଇତିହାସର ସ୍ଥାନ ପୂରଣକରେ, ପୁରାଣକାହାଣୀ ସାଂସ୍କୃତିକ ଓ ଧର୍ମୀୟ ସଙ୍କଟର ସମାଧାନ ଦେଇ ସମାଜକୁ ଧରି ରଖେ। ଲୋକକାହାଣୀ କେବଳ ଲୋକ ସମାଜ ପାଇଁ ଅପରିହାର୍ଯ୍ୟ ନୁହେଁ, ଅତ୍ୟାଧୁନିକ ସମାଜର ମଧ୍ୟ ପ୍ରାଣ ପ୍ରବାହୀ ଶକ୍ତି ଉତ୍ସ।''[୩] ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବହୁବିଧ। ''ସାମାଜିକ ସଚେତନତା, ବ୍ୟକ୍ତି ସ୍ୱାତନ୍ତ୍ରବୋଧ, ଆଧ୍ୟାତ୍ମିକ ଚେତନା, ମନୋରଞ୍ଜନ, ଆତ୍ମପ୍ରକାଶ ଅଭିଳାଷ, ରୋମାଞ୍ଚ ଏବଂ ବୌଦ୍ଧିକ ଚାତୁର୍ଯ୍ୟାଦି ବହୁ ଉଦ୍ଦେଶ୍ୟ ଏହାର ଅନ୍ତରାଳରେ ବିଦ୍ୟମାନ। ଜୀବନ ସହିତ ସମ୍ପର୍କ, କଳା ସହିତ ସମ୍ପର୍କ, ବାସ୍ତବତା ସହିତ ସମ୍ପର୍କ, ରହସ୍ୟବୋଧ ସହିତ ସମ୍ପର୍କ, ଦାର୍ଶନିକତା ତଥା କଳ୍ପନା ଓ ଅଲୌକିକତା ଆଦି ବହୁ ସମ୍ପର୍କରୁ ଏହାର ସୃଷ୍ଟି।''[୪]

ବାଥୁଡ଼ି ଜନଜାତିରେ ଅନେକ ଲୋକକାହାଣୀ ପ୍ରଚଳିତ। 'ଶ୍ରୀ ବଡ଼ାମ'କୁ ନେଇ, 'ଅଠର ଦେଉଳ'କୁ ନେଇ ସ୍ଥାନ, ଘଟଣାକୁ ନେଇ କିମ୍ବଦନ୍ତୀ ପ୍ରଚଳିତ। ବାଥୁଡ଼ି ଲୋକକାହାଣୀରେ 'ବଡାମଠାକୁର' ବେଳେବେଳେ ଚରିତ୍ର ହୋଇ ଦେଖା ଦିଅନ୍ତି। ଏହା ସହ ବାଥୁଡ଼ିମାନଙ୍କ ଜନଜୀବନର ଚିତ୍ର, ଭାଷା ଏସବୁର ଅବତାରଣା ଲୋକକାହାଣୀରେ ପ୍ରକାଶିତ ହୁଏ। ବାଥୁଡ଼ି ଜାତିରେ ସାମାଜିକ ଚିତ୍ର ଉଦ୍ଦେଶ୍ୟମୂଳକ ଭାବେ କହିବାର ଲକ୍ଷ୍ୟ ନଥିଲେ ବି ଲୋକ କାହାଣୀରେ ଜନଜାତିର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଚିତ୍ର ପ୍ରକାଶିତ ହୋଇଥାଏ। ସେମାନଙ୍କ ଧାର୍ମିକ ଭାବନା, କର୍ମବାଦ, ଭାଗ୍ୟବାଦ, ଖାଦ୍ୟପେୟ, ବେଶପୋଷାକ, ଭାଷା, ବିବାହ ବିଧି ବ୍ୟବସ୍ଥା ପାରିବାରିକ ଚିତ୍ର, ଶୁଦ୍ଧିକ୍ରିୟା, ଜନ୍ମଲଗ୍ନର ବିଧିବ୍ୟବସ୍ଥା, ପ୍ରେମଚିତ୍ର ଇତ୍ୟାଦି କାହାଣୀରେ ପ୍ରକାଶିତ ହୋଇଥାଏ।

ଲୋକକାହାଣୀର ଚରିତ୍ରଗୁଡ଼ିକ ହେଲା - ପଶୁପକ୍ଷୀ, ସରିସୃପ, ଦେବଦେବୀ, ଅସୁର, ରାକ୍ଷସ, ଜଡ଼ ପଦାର୍ଥ। କାହାଣୀର ଉତ୍ସଗୁଡ଼ିକ ହେଲା - ବେଦ, ଉପନିଷଦ, ରାମାୟଣ, ମହାଭାରତ, କଥାସରିତ ସାଗର, ବେତାଳ ପଞ୍ଚବିଂଶତି, ପଞ୍ଚତନ୍ତ୍ର, ହିତୋପଦେଶ, ଶୁକ ସପ୍ତତି, ଦଶକୁମାର ଚରିତ, ଜାତକ କଥା। ଲୋକାହାଣୀର ସୃଷ୍ଟିତତ୍ତ୍ୱ, ଉତ୍ପତ୍ତି ଓ ପ୍ରକାରଭେଦ ଦୃଷ୍ଟିରୁ ବିଭିନ୍ନ ବିଦ୍ୱାନମାନଙ୍କ ମତାନ୍ତର ଦେଖାଯାଏ। ବିଦ୍ୱାନମାନଙ୍କ ସୃଷ୍ଟିତତ୍ତ୍ୱ ସମ୍ପର୍କରେ ଅନେକ ମତ ରହିଛି। ଯଥା:- କ୍ଷୟିଷ୍ଣୁ ପୁରାଣ ତତ୍ତ୍ୱ, ଭାଷା, ବିକୃତି ତତ୍ତ୍ୱ, ମନସ୍ତାତ୍ତ୍ୱିକ ତତ୍ତ୍ୱ, କ୍ରିୟାତତ୍ତ୍ୱ, ଗୋତ୍ରବିଶ୍ୱାସ ତତ୍ତ୍ୱ, ଭାଷା ବିକୃତି ତତ୍ତ୍ୱ, ମନସ୍ତାତ୍ତ୍ୱିକ ତତ୍ତ୍ୱ, ପ୍ରକୃତି ତତ୍ତ୍ୱ ଇତ୍ୟାଦି। ପ୍ରକାରଭେଦ ଦୃଷ୍ଟିରୁ କୁଞ୍ଜବିହାରୀ ଦାଶ କାହାଣୀକୁ ସାତ ଭାଗରେ ବିଭକ୍ତ କରିଛନ୍ତି। ଯଥା:-

୧) **ପୌରାଣିକ କଥା :** ରାମାୟଣ, ମହାଭାରତ ଆଦି କାହାଣୀଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ

୨) **ଓଷାବ୍ରତ କଥା :** ସୁଦଶାବ୍ରତ, ଅନନ୍ତ ବ୍ରତ, ଧାନମାଣିକା ଓଷା, ଦାଣ୍ଡ ଓଷା ଆଦି ଅନ୍ତର୍ଭୁକ୍ତ।

୩) **ସନ୍ଥ ଓ ଭକ୍ତ କଥା :** ବନ୍ଧୁ ମହାନ୍ତି, ଜୟଦେବ, ବିଲ୍ୱମଙ୍ଗଳ, ସାଲବେଗ ଆଦି ବହୁ ସନ୍ଥ ଓ ଭକ୍ତଙ୍କ ଜୀବନର କିଛି ଉପାଖ୍ୟାନକୁ ନେଇ ରଚିତ।

୪) **କିମ୍ବଦନ୍ତୀ କଥା :** ଧର୍ମ ବିଷୟକ ଓ ଇତିହାସ ବିଷୟକ, ନିତେଇ ଧୋବଣୀ, କୌଶଲ୍ୟା ଗଙ୍ଗା, କାଞ୍ଚିକାବେରୀ ଆଦି।

୫) **ସତ୍ୟ ନାରାୟଣ ପୂଜା କାହାଣୀ :** ସୌଦାଗର ପାଲା, ଦୁର୍ଜନ ସିଂ ପାଲା, କାଠୁରିଆ ପାଲା ଆଦି ୨୦ଟି ପାଲାରେ ଭକ୍ତିଭାବ ଓ ସତ୍ୟ ନାରାୟଣଙ୍କ ମହିମା ପ୍ରଚାର ଏହାର ଉଦ୍ଦେଶ୍ୟ।

୬) **ମାହାତ୍ମ୍ୟ କଥା :** ଦେବଦେବୀଙ୍କ ମହିମା ପ୍ରଚାର ଓ ଜନସାଧାରଣଙ୍କ ମନରେ ଧର୍ମଭାବ ସୃଷ୍ଟି ଏହାର ଲକ୍ଷ୍ୟ। କାର୍ତ୍ତିକ ମାହାତ୍ମ୍ୟ, ବୈଶାଖ ମାହାତ୍ମ୍ୟ, ମାଘ ମାହାତ୍ମ୍ୟ ଆଦି ଏହି ପର୍ଯ୍ୟାୟରେ।

୭) **ଲୌକିକ କଥା :** ଚୋର ଓ ଠକ କାହାଣୀ, ଦେବତା ଓ ଅସୁର କାହାଣୀ, ପଶୁପକ୍ଷୀ ବିଷୟକ କାହାଣୀ, ଉପଦେଶାତ୍ମକ କାହାଣୀ, ଚାରି ସଙ୍ଗାତ କଥା, ନୀତି ଶିକ୍ଷାମୂଳକ କାହାଣୀ ଆଦି ଏହି ପର୍ଯ୍ୟାୟରେ ଅନ୍ତର୍ଭୂକ୍ତ।

ଲୋକକାହାଣୀର ବିଷୟବସ୍ତୁ, ଦ୍ୱନ୍ଦ୍ୱ ଓ ଉତ୍‌କଣ୍ଠା, ଚରିତ୍ର ଚିତ୍ରଣ, ପ୍ରକୃତି ବର୍ଣ୍ଣନା, ସଂଳାପ, ସଂଗୀତ, ଶ୍ରୋତାଙ୍କ ଅଂଶଗ୍ରହଣ, ପ୍ରସଙ୍ଗର ଭୂମିକା, ଅତିରଞ୍ଜନ ଓ ବ୍ୟାବହାରିକ ଭାଷାର ପ୍ରୟୋଗ ମଧ୍ୟରେ ଲୋକକାହାଣୀର ବୈଶିଷ୍ଟ୍ୟ ଫୁଟି ଉଠେ। ଏହି ବୈଶିଷ୍ଟ୍ୟକୁ ଆଖି ଆଗରେ ରଖି ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ମତରେ ଏହା ସାମାଜିକ, ଐତିହାସିକ, ଅଲୌକିକ, ପୌରାଣିକ ଓ ଆଧ୍ୟାତ୍ମିକ ଭାବରେ ଛଅ ଭାଗରେ ବିଭକ୍ତ କରିଛନ୍ତି। କିନ୍ତୁ ବାଥୁଡ଼ି ଜନଜାତିର ଲୋକକାହାଣୀକୁ ଅନୁଧ୍ୟାନ କରି ଏହାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

କ) ସାମାଜିକ ଜୀବନ ବିଷୟକ।

ଖ) ରାଜାମନ୍ତ୍ରୀ, ସାଧବ, କଟୁଆଳ ବିଷୟକ।

ଗ) ପଶୁପକ୍ଷୀ, ସାପ, କୁହୁକ ଘୋଡ଼ା ବିଷୟକ।

ଘ) ଅପ୍‌ସରା, ଅସୁର, ଅସୁରୁଣୀ ବିଷୟକ।

ଙ) ଦେବତା, ଭୂତପ୍ରେତ, ବେତାଳ, ଯକ୍ଷ ବିଷୟକ।

## କ) ସାମାଜିକ ଜୀବନ ବିଷୟକ :

ସାମାଜିକ ଜୀବନ ବିଷୟକ ଲୋକକାହାଣୀର ଅଧିକାଂଶ ଚରିତ୍ର ମାନବ ଶ୍ରେଣୀର। ଏଥିରେ ସମାଜର ବିଭିନ୍ନ ଶ୍ରେଣୀର ଚରିତ୍ରମାନେ ପ୍ରତିନିଧିତ୍ୱ କରନ୍ତି। ବାଥୁଡ଼ି ଜନଜାତିରେ ଏହିପରି ଅନେକ ଗଳ୍ପ ରହିଛି।

**ଖକ ଚଳେଇ -**

ଏହି ଗଳ୍ପରେ ସାଦ୍‌ବାଣି ବୁଢ଼ି ଓ ସାଦବ ବୁଢ଼ା ଦୁଇ ପ୍ରାଣୀ। ବୁଢ଼ୀ କୁକୁଡ଼ା ଓ ଛେଳି ଅନେକ ରଖିଛି କିନ୍ତୁ ମାରି ଖାଇବା ନିଷେଧ, କାରଣ କୁକୁଡ଼ା ଓ ଛେଳି ବିକ୍ରିକରି ଅର୍ଥ ସଞ୍ଚୟ ଏହାର ଉଦ୍ଦେଶ୍ୟ, କିନ୍ତୁ ବୁଢ଼ାର ଉଦ୍ଦେଶ୍ୟ ଭିନ୍ନ। ତା'ମତରେ ମରିଗଲେ ଧନସମ୍ପତ୍ତିକୁ କେହି ସାଙ୍ଗରେ ନେଇ ଯିବେନି। ଯେତେ କରି କହିଲେ ମଧ୍ୟ ବୁଢ଼ି ଛେଳି କିମ୍ୱା କୁକୁଡ଼ା ମାରିବାକୁ ନାରାଜ। ବୁଢ଼ା ମୁଣ୍ଡରେ ଏକ ବୁଦ୍ଧି ଆସିଲା। ଖକ ଚଢ଼େଇ ପାଳନ କରିବା ନାଁରେ ଜଙ୍ଗଲରେ ଏକ ବସାରେ ଛୋଟ ଛୋଟ ଖକ ଚଢ଼େଇ ଅଛନ୍ତି ବୋଲି ବୁଢ଼ା କହିଛି। ସେଇ ଚଢ଼େଇ ମାଂସ ଆହାର କରନ୍ତି। କୁକୁଡ଼ା ମାରି ତାକୁ ଖାଇବାକୁ ଦେଲେ, ସେମାନେ ବଡ଼ ହେବେ। ସେହି ନାଁରେ କେତେଦିନ ସେ କୁକୁଡ଼ା ମାରି ଖାଇବାର ଲାଳସା ଚରିତାର୍ଥ କରିପାରିଥିଲା। ଦିନେ ବୁଢ଼ୀକୁ ବି ସାଙ୍ଗରେ ନେଲା। କହିଲା ଗଛମୂଳରେ ଠେକା ମୁଣ୍ଡରେ ମୁଣ୍ଡେଇଥିବୁ। ହଲ୍‌ଚଲ୍ ହେବୁ ନାହିଁ, ଗଛରୁ ଚଢ଼େଇ ପକେଇ ଦେଲେ, ଭାରୀ ଲାଗିବ। କିନ୍ତୁ ମୁଣ୍ଡେଇ ସିଧା ଘରେ ପହଞ୍ଚିବାକୁ ପଡ଼ିବ। ବୁଢ଼ୀ ଠେକାକୁ ମୁଣ୍ଡେଇ ପହଞ୍ଚିଲା ପରେ ବୁଢ଼ାକୁ ଦେଖି ରାଗରେ ସେ ବାପଘରକୁ ଚାଲିଗଲା। ଏପଟେ ବୁଢ଼ା ବୁଢ଼ୀର ଆଗମନକୁ ଅପେକ୍ଷା କରି କରି ଆଉ ଗୋଟେ ବାହା ହେବାକୁ ଯୋଜନା କଲା। ସେଥିପାଇଁ ସେ ସ୍ୱାମୀଦ୍ୱାରା ପରିତ୍ୟକ୍ତା ମହିଳାଟିଏ ଖୋଜି ଖୋଜି ବାହା ହେଲା, ଯାହାକୁ ବାହା ହେଲା ସେ ହେଉଛି ସେଇ ବୁଢ଼ୀ। ଏହା ହିଁ ହେଉଛି ଗଳ୍ପର କଥାବସ୍ତୁ।''[୪]

ଏହାର ଭାଷା ଦେଖିଲେ ଅନେକ ପ୍ରାଚୀନ ବାଥୁଡ଼ି ଭାଷା ଲକ୍ଷ୍ୟ କରିପାରିବା। ଯଥା:- କାନ୍ଧେଇ କାନ୍ଧେଇ, କେଁଠେ - କେଉଁଠାରେ, ଗୁଟେ-ଗୋଟିଏ, ଢଡରା - ଫମ୍ପା, ଆଇଲା-ଆସିଲା, କଟୁକଟୁ - ଛୋଟଛୋଟ, ସିଠୁ - ତହିଁ ଉତ୍ତାରୁ, ଫୁଙ୍କିକରି - ପୋଡ଼ିକରି, ମାଇଁସ- ମାଂସ, ଭୁଖେଇଛିନି - ଭୋଗ ଲାଗିଛି, ତଣ୍ଡେ-ଦଣ୍ଡେ, କଟେ କଟେ - ଟିକେ ଟିକେ, ନଡର ନଡର -

ବଡବଡ, କେଁଦିନ - କେଉଁଦିନ, ଉଡ଼ାବାଳିଆ - ଉଡ଼ିବାକୁ ସକ୍ଷମ, ଉଲ୍‌ଟୁଲ୍ - ହଲ୍‌ଚଲ୍, ଅଲହାବେନିକି - ଓହ୍ଲାଇବୁ ନାହିଁକି, ଥିର୍ - ସ୍ଥିର।

କାହାଣୀରେ ପ୍ରଥମେ ପ୍ରକାଶିତ କରାଯାଉଛି ଯେ, ''ଆଉ ତାଙ୍କର ଝଣେ ସଂପତିକୁ ଆଉ ଛୁଆପିଲା ନାଇଁ। ବଁଝାବଁଝି ହେନେ ବନେୟ କୁକୁଡ଼ା ରଖିଛି, ଛେଳି ରଖିଛି। ହାଟୁ କଟିଏ ଖାଇକି ଦୟ ନାଇଁ ବୁଢ଼ି, ସାଦ୍‌ବାଣି ବୁଢ଼ି। ଖାଇବି ବଲୟ ସାଦ୍‌ବବୁଢ଼ା ଯେ ନାଇଁ ବଲୟ। ଉଁ ହୁଁଃ ଥାଉ ଥାଉ ମର୍ କେଡେ ସୁନ୍ଦର ଧେକୁଛେୟଁ, ଥାଉ ପଇସା ହାକେ। ସାଦ୍‌ବବୁଢ଼ା ଯେତେଦିନ କହିଲା ଖାଇକି ଦେଲା ନାହିଁ କଟିଏ। ବୁଢ଼ା ତାର୍ ଗଟେ ବୁଧି କଇଲା। ଆରେ ବୁଢ଼ି ଏତେ ଜ ଧନ ସମ୍ପତ୍ତି ଅର୍‌ଜିଛେୟଁ କାଲି ମରିଯାକେ, ହଜିଯାକେ, ଘରେ କଟିଏ ସଦ ନାଇଁ, ପାଟି ଧିର ଧାର୍ ହେଇ ରଇଲା, ଗୁଟେ ଚଳେଇ ସାଉତିବା ହେନେ ଭୁଟୁର୍ ଭାଟୁର୍ ହେତା। ନାଁ କି ଚଳେଇ ସାଉତିବାରେ ବୁଢ଼ା। ବୁଢ଼ି କହିଲା। ନାଁ ଖକ ଚଳେଇ ଗୁଟେ ଆଣିବା। ଖକ ଚଳେଇଟା ଆଣିନେ ସିଏ ଭାକୁ ଭାକୁ କରିଆକେ।''(୬)

ଲୋକକାହାଣୀରେ ବାଥୁଡ଼ିମାନଙ୍କ କୃଷି ବ୍ୟତୀତ ଛେଳି, କୁକୁଡ଼ା ପାଳନ କରି ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବାରେ ଚିତ୍ର ରହିଛି। ବିବାହ ବେଳେ ଯୁବକମାନେ ଚାଙ୍ଗୁ ବଜେଇ ଉତ୍ସବ ମନେଇଥା'ନ୍ତି ଏଥିରେ ମଧ୍ୟ ସଞ୍ଜରେ ବିବାହ କଳାପରେ ଚାଙ୍ଗୁ ବାଦ୍ୟ ଶୁଣାଯାଇଛି। ଯଥା:- ''ଟକ୍‌ଳିମାନେ ସଞ୍ଜ ହେଲାଠାଣୁ ଚାଙ୍ଗୁ ବଜା କରାନେୟ। ଭୁର୍‌ରାତି ହେଲା ବେଳକୁ ତ ଗାଇନେୟ।

''ସମ୍‌ର ଦମ୍‌କିଲା କରେ ସମ୍‌ର ଦମ୍‌କିଲା
ଯେ ବୁଢ଼ାକୁ ସେଇବୁଢ଼ି ତର ନାଟ ଜମ୍‌କିଲା
ଘିନିଛା ଘିନିଛା ଘିନିଛା।''(୭)

ପାରିବାରିକ ଚିତ୍ର ଭିତରେ ଦାମ୍ପତ୍ୟ କଳହ ପରେ ସ୍ତ୍ରୀ ବାପ ଘରକୁ ଚାଲିଯିବାର ଚିତ୍ର ଏଥିରେ ଦେଖିବାକୁ ମିଳେ। ପୁଣି ସ୍ତ୍ରୀ ଚାଲି ଯାଇଥିଲେ ମଧ୍ୟ ଆଉ ଗୋଟିଏ ବିବାହ କରିବା ଓ ସ୍ତ୍ରୀଟିଏ ସ୍ୱାମୀ ପରିତ୍ୟକ୍ତା ହୋଇ ଆଉ ଜଣକୁ ବିବାହ କରିବା ବାଥୁଡ଼ି ଜାତିରେ ଦେଖାଯାଏ। ଯାହା

ଏହି ଗଳ୍ପରେ ଅବତାରଣା କରାଯାଇଛି। 'ଖକ ଚଳେଇ' ଏକ ପ୍ରତୀକ। ଏହାର ଅର୍ଥ ମାଂସ ଖାଉଥିବା ଚଢ଼େଇ। 'ଖକ ଚଳେଇ' ବୁଢ଼ା ଚରିତ୍ରକୁ ନେଇ ରଚିତ ହୋଇଛି।

**'କଁଚନି ଝିଅ' -**

''ଚାରି ଭାଇରେ ଗୋଟେ ଭଉଣୀ, ନାଁ ତା'ର କଁଚନି। ଚାରି ଭାଇ ବେପାର ବଣିଜ ପାଇଁ ଚାଲିଗଲାବେଳକୁ କଁଚନିକୁ ଚାରି ବୋହୂ ମିଶି ସାପକୁ ଦେଇ ଚାଲି ଆସିଲେ। ଚାରିଭାଇ କ୍ରନ୍ଦନ କରୁଥିବା ଅବସ୍ଥାରେ କଁଚନିକୁ ସାପଠାରୁ ମୁକୁଳେଇ ଆଣିଲେ। ସାପକୁ ମାରି ତା' ମାଂସକୁ ସମର ମାଂସ କହି ଚାରି ବୋହୂକୁ ଖୁଏଇ ମାରିଦେଲେ। ଚାରିବୋହୂ ମରିସାରିଲା ପରେ ଚାରିଭାଇ ପୁନର୍ବାର ବିବାହ କଲେ। ବୋହୂମାନେ ପାଳିକରି ରୋଷେଇବାସ କରନ୍ତି। ଦିନେ କଁଚନି ଶାଗ ରାନ୍ଧିଲାବେଳେ ହାତ କଟିଗଲା। ରକ୍ତ ସହ ଶାଗକୁ ମିଶେଇ ରାନ୍ଧି ଭାଇମାନଙ୍କୁ ଖାଇବାକୁ ଦେଲା। ଭାଇମାନେ ଦେଖିଲେ କଁଚନିର ରକ୍ତ ଏତେ ମିଠା, ତା'ର ମାଂସ ବି ମିଠା ହୋଇଥିବ ଭାବି କଁଚନିକୁ ଶାଶୁଘରକୁ ନେଇ ଛାଡ଼ି ଆସିବା ବାହାନାରେ ନେଇ ମାରି ଖାଇଲେ, କିନ୍ତୁ ସାନଭାଇ ନ ଖାଇ ମୁଣ୍ଡକୁ ପୋତିଦେଲା। ସେଇଠି କଁଚନି ଗଛ ହେଲା। ଫୁଲ ଫୁଟିଲା। କଁଚନିର ଫେରିବା ଡେରି ଦେଖି ଶାଶୁ ଶ୍ୱଶୁର କଁଚନିକୁ ନେବାକୁ ଆସିଲେ। ଆସିଲାବେଳେ କଁଚନି ଫୁଲ ଦୁଇଟି ତୋଳି ଆଣିବାକୁ ଗଲାବେଳେ ସେ ଗଛ ଗୀତ ବୋଲିଲା। ଶାଶୁ ଶ୍ୱଶୁର ନ ଆଣିପାରି ଚାରିଭାଇଙ୍କ ଘରକୁ ଆସିଲେ। କଁଚନିକୁ ବିଦାକର ବୋଲି କହିଲେ। ମାତ୍ର ଚାରିଭାଇ ନାନା ଫନ୍ଦି ଫିକର କଲେ, ଶାଶୁ, ଶ୍ୱଶୁର କୌଣସି ଉପାୟ ନପାଇ କହି ଚାଲି ଆସିଲେ। କଁଚନିଗଛ କଥା ଶୁଣି ଚାରିଭାଇ ମଧ୍ୟ ଗଲେ, ଯେଉଁ ଭାଇ ଫୁଲ ପାଇଁ ଯାଏ, ତା' ଲାଗି ଗଛ ଗୀତ ବୋଲେ। ଶେଷରେ ସାନଭାଇ ଫୁଲ ତୋଳି ଆଣି ଗଛକୁ ହାଣି ପକେଇଲା। କଁଚନି ବାହାରି ଆସିଲା।

ଏ ହେଉଛି 'କଁଚନି ଝିଅ' ଗଳ୍ପର ବିଷୟବସ୍ତୁ।[୮] ଗଳ୍ପରେ ପାରିବାରିକ ଚିତ୍ର - ବାଥୁଡ଼ିମାନେ ଝିଅକୁ ନେଇ ଛାଡ଼ି ଯିବାର ପରମ୍ପରା ରହିଛି। ଯଥା:- ''ଭୁଜା, ଚାଉଳ, ଡାଲି, ଆଉସବୁ ଭାଇ ନେଇ ଛାଳିକି ଗେନେଇଁ।" ଓ ''ଆଜି ତୁଇ ରାନ୍ଧିନେ କାଲି ତୁଇ ରାନ୍ଧିବେ, ଇଁତି ପାଞ୍ଚଦିନ ହୋଇଗଲା। ସବୁ ବହୁ ରାନ୍ଧି ନେଇଁ ଦିନେ ଦିନେ। ଦିନେ କଁଚନି୍ର ପାଳି ଫଳିଲା।''

ଗଳ୍ପରେ ଯେଉଁ ଚାରିଭାଇ ଭଉଣୀ ପାଇଁ ନିଜ ସ୍ତ୍ରୀମାନଙ୍କୁ ମାରି ଦେଇଛନ୍ତି, ସେଇ ଭଉଣୀର ମିଠା ରକ୍ତ ଚାଖି ନିଜ ଭଉଣୀକୁ ମଧ୍ୟ ମାରି ଦେଉଛନ୍ତି। କିନ୍ତୁ ସାନଭାଇ ସବୁବେଳେ ଭଉଣୀ ପ୍ରତି ସଦୟ ହୋଇରହିଥାଏ, ଯାହା ଏହି ଗଳ୍ପରେ ଅବତାରଣା କରାଯାଇଛି।

ଏଥିରେ ସାଙ୍ଗୀତିକତାର ମଧ୍ୟ ପ୍ରୟୋଗ ସୁନ୍ଦର ଭାବେ ହୋଇଛି। ଯେତେବେଳେ କଁଚନି କାନ୍ଦୁଛି -

''ଚାରିଭାଇ ଜାଇଛନ୍ତି ଜାହାଜ ବେପାର
ଚାରି ବହୁ ଦେଇଗନେଇଁ ନଳା ଡୁମୁରିର।''(୯)

ଶାଶୁ ଶ୍ୱଶୁର କଁଚନି ଫୁଲ ତୋଳିବାକୁ ଗଲାବେଳକୁ ଗଛ ଗାଉଛି -

''ଭୁଲିରେ ଭୁଲି ଫୁଲ ମ କିଏ ତୁଳନ୍ତି, ନାଇଁ ଗନିନା।
ସୁସୁରା ଆସି ତୁଳନ୍ତି
ଡାଳ ନ ଭାଙ୍ଗିବ ସସୁରା ପତ୍ର ନ ରୁଞ୍ଚିବ
କଁଚନି ଫୁଲରୁ ନେନେ ଗୁଟିଏ ନେବ।''(୧୦)

ଚାରିଭାଇରୁ ତିନି ଭାଇ ତୋଳିବାକୁ ଗଲାବେଳେ ସେଇ ଗୀତ ଗାଉଛି। କିନ୍ତୁ ସାନଭାଇ ହିଁ ଫୁଲ ତୋଳି ପାରିଛି।

ଗଳ୍ପରେ ଅନେକ ବାଥୁଡ଼ି ଶବ୍ଦ ରହିଛି। ଯଥା:- ଗୁଟେ - ଗୋଟିଏ, ଘେନିକରି - ସାଙ୍ଗରେ ନେଇ, ନେନେ - ନେଲେ, ଛାଳିକି - ଛାଡ଼ିବା ପାଇଁ, ଗେନେଇଁ -ଗଲେ, ଝାଳିଦେଲା - ଅଜାଡ଼ି ଦେଲା ଇତ୍ୟାଦି।

**ଭାଇ ଭଉଣି ଆଉ ପାଇକ -**

ବାପା ମା' ନଥିବା ଭାଇ ଭଉଣୀ। ଦିନେ ଭଉଣୀଟି ପାଇକକୁ ଦେଖି କହୁଛି - ''ଏଇ ତିଳଉ ଫୁଲ୍‌ଟା ଦେତା ହେନେ ମୁଇଁ ଜିତି।'' ପାଇକ ପକେଇ ଦେଇ ଚାଲିଗଲା। ଭାଇ ଭଉଣୀ ଦୁହେଁ ତା' ପଛେ ପଛେ ଯାଇ ତାଙ୍କ ଘରେ ରହିଲେ। ଭଉଣୀର ଗର୍ଭବାସ ହେଲା। ପାଇକ ବେପାର ପାଇଁ ଦୂର

ଯାଗାକୁ ଗଲାବେଳେ, ଏପଟେ ଶାଶୁ ସେମାନଙ୍କୁ ବିଦା କଲା। ସୂତା ଦେଇ କହିଲା, ଯେଉଁଠି ଏ ସୂତା ସରିବ ସେଇଠି ଭାଇ ଭଉଣୀ ରହିବେ, ଭାଇ ଭଉଣୀ ସୂତାକୁ ଧରି ଧରି ଗଲେ, ଯେଉଁଠି ସରିଲା, ସେଇ ପୋଖରୀ କୂଳରେ ରହିଲେ। ଠିକ୍ ସମୟରେ ଗର୍ଭକଷ୍ଟ ହୋଇ ସନ୍ତାନଟିଏ ଜନ୍ମ ହେଲା। ଭଉଣୀଟି ଜନ୍ମ ଦେଇସାରି ଭୋକରେ ଶାଶୁ ଘରୁ ଭାତ ପାଇଁ ନିଜ ଭାଇକୁ ପଠେଇଲା। ଶାଶୁ କିଛି ତୋରାଣି ଓ ସାପ ଅଣ୍ଡା ଦେଇ ପଠେଇଲା। ଭାଇ ତାକୁ ଦେଖି ଫିଙ୍ଗିଦେଲା, କିନ୍ତୁ ଗୋଟିଏ ଭାତ ତା'ମୁଣ୍ଡରେ ଲାଖି ରହିଲା। ଭଉଣୀ ଭୋକକୁ ସମ୍ଭାଳି ନପାରି କିଛି କାମକରି ଭୋକକୁ ମାରିଦେବାକୁ ଚେଷ୍ଟା କରି ଭାଇର ମୁଣ୍ଡରେ ଉଖୁଣି ଖୋଜିଲା। ମୁଣ୍ଡରେ ଥିବା ଗୋଟେ ଭାତକୁ ପାଇ ଖାଇଦେଲାବେଳକୁ ତା' ଦେହ ଅଧା ସାପ ଅଧା ମଣିଷ ହୋଇଗଲା। ଭଉଣୀ ପୋଖରୀରେ ରହି ମାଛ କଙ୍କଡ଼ା ଭାଇ ପାଇଁ ଫୋପାଡ଼ି ଦିଏ, ସିଏ ଖାଇଲାବେଳକୁ ସନ୍ତାନକୁ କ୍ଷୀର ଖୁଇଏ ଦିଏ, ଏହିପରି ଦିନ ବିତିଗଲାବେଳେ ଦିନେ ପାଇକ ଆସି ଜାଣିପାରି, ନିଜ ସ୍ତ୍ରୀକୁ ପୋଖରୀରୁ ଉଦ୍ଧାର କରିଛି।''[୧୧]

ଏହା ହିଁ ହେଉଛି ଗଳ୍ପର ବିଷୟବସ୍ତୁ।

ଗଳ୍ପରେ ଭଉଣୀ ଗର୍ଭବତୀ ହେବା ଲକ୍ଷଣଟିକୁ ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି। ଯଥା – ''ତା'ର ଭାଇ ବି ଗେଲା, ଡଗ୍ରି ଜାଇକରିକା ସିଠେ ପାଇକ ଘରେ ରହିନେୟ। ରହିନେୟ ଜିନ୍ତି ଆଉ ତା'ର ଦିହିରେ ରହିଲା। ଦିହରେ ରହିଲା ବେଲ୍‌କେ ପାଇକ ଗେଲା ତା'ର ବଣିଜ ବେପାର କରିକି।''[୧୨]

ଏହି ଗଳ୍ପରେ ପୁଣି ବୋହୂ ପ୍ରତି ଶାଶୁର ଅବହେଳା ନିଦର୍ଶନ ଦେଖିବାକୁ ମିଳେ। ଗର୍ଭବତୀ ବୋହୂକୁ ନିଜ ଘରୁ ବିତାଡ଼ିତ କରିଛି ଶାଶୁ। ''ଗେଲା ଜେ ତା'ର ସାସୁ ଖେଦିଲା ଇମାନ୍‌କେ। ସୁତା ନଟେ ଦେଲା। ଦେଇ କରି କହିଲା ଜେଁଠେ ଏଇ ସୁତାଟା ଖାଣ୍ଡିଆ ହେଇ ଜିଆକେ ସିଠେ ରହାୟାକେ।''

ପୋଖରୀରେ ଭଉଣୀ ସାପ ହୋଇ ତା'ର କଥାକୁ ଗୀତ ମାଧ୍ୟମରେ ପ୍ରତ୍ୟେକ ଦିନ କାନ୍ଦି କାନ୍ଦି ବଖାଣେ । ସେ ଗାଏ –

''ତିଳଉ ଫୁଲରେ ପାଇକ ବରି ଆଣିଥିଲା
ସୁତା ନଟେ ଦେଇ ସାସୁ ଘରୁ ନାଙ୍ଗୁକଲା
ଭଣଜା କାନ୍ଦୟବ ନିନା ଖିର ଦାନ ଦେ
ପୁତର କାନ୍ଦୟବ ନିନା ଖିର ଦାନଦେ
ଗଛ ଉଡାଲ୍ ହେବ ଭାଇ ଡରି ମରିବେତି
ବୁଦା ଉଡାଲ୍ ହେବ ଭାଇ ଡରିମରି ବେତି।''(୧୩)

**ଅଲସୁ ଆଉ ଖାଣ୍ଡିଆ ପଣ୍ଡା –**

ସାଧବ ବୁଢ଼ାର ସାତ ପୁଅ। ସାତ ପୁଅରୁ ସାନ ପୁଅଟିର ନାଁ ଅଲ୍‌ସୁ। ସେ ପଣ୍ଡା ଚରେଇବା ପାଇଁ ନିଏ। ତା'ପ୍ରତି ସାଧବ ବୁଢ଼ାର ଶ୍ରଦ୍ଧା ଦେଖି ଅନ୍ୟ ଛଅ ଭାଇ ଇର୍ଷା ପରାୟଣ ହୁଅନ୍ତି। ସାନ ପୁଅକୁ ମାରି ଦେବାକୁ ନାନା କୌଶଳ କରି ମାରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ମାରି ପାରନ୍ତି ନାହିଁ। ଛଅଭାଇ ଯେଉଁ କୌଶଳ କରନ୍ତି, ସେଇ କୌଶଳ ବଡ଼ ବୋହୂ ଜାଣିପାରି ଅଲ୍‌ସୁକୁ ସତର୍କ କରେଇଦିଏ। ସାନ ପୁଅକୁ ମାରିବାକୁ ପଖାଳ ଭାତରେ ବିଷ, ଗାତରେ ଠେଲି ଦେଇ ମାରିବାକୁ, ଶୋଇଥିବା ଅବସ୍ଥାରେ ହାଣିଦେବାକୁ ଇତ୍ୟାଦି କୌଶଳ ଗୁଡ଼ିକ ଫେଲ୍ ମାରିଯାଇଛି। ଶେଷରେ ଛଅ ଭାଇଯାକ ତାକୁ ଦୌଡେଇ ଦୌଡେଇ ମାରିବାକୁ ମନସ୍ଥ କରିଛନ୍ତି। ସାନ ପୁଅ ଜାଣିପାରି ଖଣ୍ଡିଆ ଥିବା ପଣ୍ଡାରେ ବସି ସେ ଦୌଡ଼ିଛି। ଛଅ ଭାଇ ଯାକ ସାନପୁଅକୁ ଧରିପାରି ନାହାନ୍ତି । ଦୌଡ଼ିଲାବେଳେ ଧନୁତୀର ପକେଇ ଦେଲାବେଳକୁ ବାଉଁଶବଣ, ପଥରଟିଏ ପକେଇ ଦେଲାବେଳକୁ ପାହାଡଟିଏ, ପାଣି ଲୋଟାଏ ପକେଇଲାବେଳକୁ ବଡ଼ ଗଭୀର ପାଣି, ଏଗୁଡ଼ିକୁ ଆଗକୁ ଯାଇ ଛଅଭାଇ ଧରି ପାରିନାହାନ୍ତି। ଏପଟେ ସାନ ଭାଇ ଏକ ପୋଖରୀରେ ପହଁଚି ଯାଇଛି, ଯେଉଁଠିକି ସାତ ଭଉଣୀ ଭୁଳ କନିଆମାନେ ଗାଧୋଇବାକୁ ଆସନ୍ତି। ସେମାନେ ଏଇ ସାନଭାଇ ସହ ଲୁଚେଇବା ଖେଳ ଖେଳି ହାରିଗଲେ। ସର୍ତ୍ତ ଅନୁଯାୟୀ ସାନଭାଇଟି ସବା ସାନ ଭଉଣୀକୁ ବାହାହୋଇ ସୁଖରେ ରହିଛି। ଏପଟେ ଛଅଭାଇ ଗରୀବ ହୋଇଯାଇଛନ୍ତି। ବଡ଼ ବୋହୂ ସାନ ପୁଅ ପାଖେ ପହଞ୍ଚିଯାଇ ରହିଛି, ପରେ ଅନ୍ୟମାନେ ମଧ୍ୟ ଯାଇ ରହିଛନ୍ତି ଓ ସମସ୍ତେ ସୁଖରେ ରହିଛନ୍ତି।''(୧୪)

କଥାବସ୍ତୁ ଭିତରେ ଛଅଭାଇ ସ୍ୱାର୍ଥପର ଜୀବନ ଜିଉଁଥିଲାବେଳେ ବଡ଼ବୋହୂ ସାନଭାଇ ପ୍ରତି ସଦୟ ହୋଇଛି। ବାସ୍ତବତା ଦୃଷ୍ଟିରୁ ବାପା ମା'ର ଅଧିକ ଶ୍ରଦ୍ଧା ଥିବା ସନ୍ତାନକୁ ଅନ୍ୟମାନେ ଈର୍ଷା ହେବା ସ୍ୱାଭାବିକ। ସ୍ୱାର୍ଥପର ଛଅ ଭାଇ ଗରୀବ ହୋଇଯାଇ ପୁଣି ଥରେ ସାନ ଭାଇ ପାଖରେ ରହିଛନ୍ତି।

ଗଳ୍ପ ଆରମ୍ଭ ହୋଇଛି ସାଧବ ବୁଢ଼ା ପାଖରୁ। ଏଥିରେ ଅଲସୁ ମୁଖ୍ୟ ଚରିତ୍ର। ''ସାଦ୍‌ବ ବୁଢ଼ାର ତା'ର ସାତପୁଅ, ସାତ ପୁଅ ଜେ ସାନ ପୁଅରେ ତା'ର ଭାରି ସରଦା। ସାନ ପୁଅର ନାଁ ହେଉଛେ ଅଲ୍‌ସୁ। ସିଏ କିଛି କାମ୍‌ଦାମ୍ କରୟ ନାଇଁ। ସବୁଦିନ୍ ପଣ୍ଡାରଖି ନୟ। ଦେଇ ବଇଁସି ବଜାଏ। ଦେଇକରି ତାର ଭାଇମାନେ ବିଚାର କର୍‌ନୟ ଅଲ୍‌ସୁକେ କେଁ ରକମ୍ ମାରିଦେବା ଚାଲ।''(୧୫)

ବାଥୁଡ଼ି ଜାତିରେ ବିବାହ ହେଲେ, ସ୍ତ୍ରୀର ନାନୀମାନଙ୍କୁ ଦେଢ଼ଶାଶୁ କହି ସ୍ୱାମୀଟି ଆଡ଼େଇ ହୋଇଯାଏ। କେବଳ ଶାଳୀମାନେ ହିଁ ଭେଣେଇ ପ୍ରତି ଥଟ୍ଟାଭଜା ଟାହିଟାପରା କରି ପକାନ୍ତି, ଯାହା ଗଳ୍ପରେ ମଧ୍ୟ ଅବତାରଣା କରାଯାଇଛି। ଯଥା:- ''ପଣ୍ଡା କହିଲା ବଡ଼ଟାକେ ଆଣିନେ ସାନ୍‌ଗା ସାଳିହେମେୟ ଆଉ ଖାଇଦେମେୟ। ଆଉ ସାନ୍‌ଟାକେ ଆଣିନେ ଇମାନେ ଦେଡସାଳି ହେମେୟ, ଆଲ୍‌ହେଇ ଜିମେୟ।'' ଖାଇଜିମେୟ ଅର୍ଥ ଭେଣେଇକୁ ଟାହିଟାପରା, ଥଟ୍ଟାମଜା କରି ପକେଇବା।

**ଖେସ୍ ଗିଣିଗିଣି ବଥ୍ ଗିଣିଗିଣି -**

ସାଧବ ବୁଢ଼ାର ପୁଅଟିଏ, ବାହା ହୋଇ ବୋହୂଟିଏ ଘରକୁ ଆଣିଲା। ପୁଅ ବଣିଜ କରିବାକୁ ବାହାରିଲାବେଳେ ବୋହୂକୁ ଶିଖେଇ ଦେଇ ଯାଇଛି, କାହା ସଙ୍ଗେ କଥା ନ ହେବାକୁ। ଏହାପରେ ଏକ ଗୀତ ସଂଯୋଜିତ ହୋଇ ଗଳ୍ପକୁ ଶ୍ରୁତିମଧୁର କରାଯାଇଛି। ଯଥା:-

''ନଗେଇ ଗଲା ଅଫଳା କଦିଳରେ
ନଗେଇ ଗଲା ଅଫଳା କଦିଳ
ନଗେଇ ଗଲା ଅଫଳା ଆମ୍ବରେ ଦଇବ

ନଗେଇ ଗଲା ଅଫଳା ଆମ୍ବ
ରଖିଗଲା ଅଭୁକା କୁକୁରରେ ଦଇବ
ରଖିଗଲା ଅଭୁକା କୁକୁର
ରଖିଗଲା ଅରଳା କୁକୁଳିରେ ଦଇବ
ରଖିଗଲା ଅରଳା କୁକୁଳି।
ନଗେଇଗଲା ଅଫଳା ଫଣସରେ ଦଇବ
ନଗେଇଗଲା ଅଫଳା ଫଣସ।''[୧୬]

ଏହି ଗୀତ ଭିତରେ ବୋହୂର ଅଭିବ୍ୟକ୍ତି ପ୍ରକାଶିତ ହୋଇଛି। ସାଧବ ବୁଢ଼ାର ପୁଅ ଏମିତି କଥା କହିଦେଇ ଯାଇଛି, ଯାହା କେବେ ସମ୍ଭବ ନୁହେଁ। ବୋହୂଟି ଅକ୍ଷରେ ଅକ୍ଷରେ ପାଳନ କରି ଭଗବାନ୍‌ଙ୍କୁ ନିଆଁ ଦେବାରୁ ବିରତ ହୋଇ ଅଭିଶାପ ପାଇଛି। ଚାରିଆଡ଼େ ଖେସୁ ଓ ବଥ ଦ୍ୱାରା ଶରୀର ରୋଗାକ୍ରାନ୍ତ। ସାଧବ ପୁଅ ଆସି ଦେଖିଛି ଓ ନିଜ ସ୍ତ୍ରୀକୁ ବିକ୍ରି କରିଦେଇଛି। ଭଗବାନ୍ ନିଜ ପୁଅ ସାଥେ ସାଧବ ପୁଅର ସ୍ତ୍ରୀକୁ ବିବାହ ଦେଇଛି। ସେ ପୁଅ ଖେସୁ ଓ ବଥ ଥିବା ସ୍ତ୍ରୀକୁ ଭଲ କରିଦେଇଛି।

କାହାଣୀ ଭିତରେ ବାଥୁଡ଼ି ଅଞ୍ଚଳରେ ହେଉଥିବା କୀର୍ତ୍ତନ ନାଚର ମାହାତ୍ମ୍ୟକୁ ବଖାଣିଛନ୍ତି। ଯଥା:- ''ତା'ର ପୁଅ ବଇଲା ସଳା ଖେସୁଆଣି ଜିଆକ୍ ନାଇଁ। ଗୁଟେ ନାଟ୍ କରଯଁ ବଇଲା। କିରତନ୍ ନାଟ କଇଲା। ବାଜା ବଜେଇଲା। ଦୁଇରାତି, ତିନ୍‌ରାତି କଇଲା ନାଇଗେଲା। ଆଉ ଚାର୍‌ରାତି ବଳେ ଗେଲା।''[୧୭] କୀର୍ତ୍ତନ ନୃତ୍ୟ ସହ ଏକ ଧାର୍ମିକ ବିଶ୍ୱାସ କାହାଣୀରେ ସଂଯୋଜିତ ହୋଇଛି। ଗାଁ ଗାଁରେ ବର୍ଷକ ଥରେ ହରିନାମ ଧରିଲେ ଦୁର୍ଭିକ୍ଷ, ମରୁଡ଼ି, ବନ୍ୟା, ରୋଗ ଦାଉରୁ ରକ୍ଷା ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ସେହି ବିଶ୍ୱାସ ଜରିଆରେ ଭଗବାନ୍‌ଙ୍କ ପୁଅ କୀର୍ତ୍ତନ ନାଚ କରିଛି।

**ଦୁଖା, କାଣିବୁଢ଼ି ଆଉ ରାଜା ଝିଅ -**

ଦୁଖା ଆଉ କାଣିବୁଢ଼ି ମା'ପୁଅ। ଦୁଖା ସମସ୍ତଙ୍କ ଛେଳି ଚରାଏ। ସେଇଥିରେ ସେମାନେ ଦୁଃଖସୁଖେ ଚଳନ୍ତି। ଦିନେ ଦୁଖା ଚାହିଁଲା ଜଙ୍ଗଲ ସଫାକରି ଚାଷ କରିବ। ଚାଷ ପାଇଁ ବଡ଼ ବଡ଼ ଖାସିକୁ ଲଙ୍ଗଳ ଜୁଝି ହଳ କଲା। ଲଙ୍ଗଳରେ ସେ ଘରୁ ଗାର କାଟି ଦେଇଥାଏ ଯେ, ତା'ମା' କାଣିବୁଢ଼ି ଗାରରେ ଗାରରେ ଯାଇ ଭାତ ଦେଇଆସେ। ଏହାର ସୁଯୋଗ ନେଇ ମାଙ୍କଡ଼ ଫାଇଦା ଉଠେଇଛି। ମାଙ୍ଗଡ଼ ତା' ଲାଞ୍ଜୁଡକୁ କାଣିବୁଢ଼ିକୁ ଧରେଇ ଅଧବାଟରେ ହିଁ ଭାତ ଖାଇଦିଏ। ପୁଅଟି ଏକଥା ଜାଣିପାରି ତାକୁ ମାରିବାକୁ ଉଦ୍ୟତ ହୁଅନ୍ତେ, ସେ ଉପକାର କରିବ ବୋଲି କଥା ଦେଇଛି। ଏପଟେ ଧାନ ଗଛଗୁଡ଼ିକ ବଡ଼ ହୋଇଯାଇଛି। ଧାନଗଛକୁ ଜଗିବା ପାଇଁ ମଞ୍ଚ ବନ୍ଧା ହୋଇଛି। ଦୁଖାର ସାଙ୍ଗମାନେ ଦୁଖାକୁ ବୋହୂଟିଏ ପାଇଁ ପବର୍ତ୍ତାଇଛନ୍ତି; ମାତ୍ର କାଣୀବୁଢ଼ୀ ବୋହୂଟିଏ ଆଣିଦେବା ନାଁରେ ପୁତୁଳାଟିଏ କରି ମଞ୍ଚରେ ରଖିଦେଇଛି। ଦୁଖା ଭାବିଛି ତା' ମା'ତା'ପାଇଁ ବୋହୂଟିଏ ଆଣିଦେଇଛି। ମଞ୍ଚାକୁ ଯାଇ ଦେଖିଛି ବୋହୂଟି କଥା କହୁନି, ସେ ବାଧ ହୋଇ ତାକୁ ଗଇଁଠାଟିଏ ମାରିଛି। ଗଇଁଠା ମାଡ଼ ଖାଇ ବୋହୂଟି ବାପଘରକୁ ଚାଲିଯାଇଛି ଭାବି ଦୁଖା ଅନେକ ଖୋଜିଛି। ଖୋଜି ଖୋଜି ପାଇଛି ରଜା ଘରର ଝିଅକୁ। ରଜାର ଝିଅକୁ ବାହା ହୋଇଛି ବୋଲି ତା'ମା, ମାଙ୍କଡ଼ ସାକ୍ଷ୍ୟ ଦିଅନ୍ତି। ଶେଷରେ ରଜାର ଅଧାରାଜ୍ୟ ପାଇ ସୁଖରେ ରହିଛନ୍ତି।

ଗଳ୍ପର ଆରମ୍ଭରୁ ବାଥୁଡ଼ି ଚାଷ କରିବା ସମୟରେ କିଛି ପରମ୍ପରା ଦେଖିବାକୁ ମିଳିବ। ଯେପରି ଚାଷ ସମୟରେ ହଳ କରୁଥିବା ଲୋକକୁ ଘରୁ ଘରଣୀଟି ଭାତ ନେଇଦିଏ, ସେଇ ଭାତକୁ କହନ୍ତି 'ବାସିଆମ'। ଯଥା:- ''ଗୁଟେ ରାଜା ରାଇଜରେ ଗୁଟେ କାଣି ବୁଢ଼ିଥାଏ। ସେଇ କାଣିବୁଢ଼ିର ତାର୍ ଗୁଟେ ପୁଅ। ତାର୍ ନାମ୍ ଦୁଖା। ସିଏ ତାର ଛେଳି ରାଖୟ। ତାର ସେଇ ବେବସ୍ଥା। ଛେଳି ବାଗାଳ କରି କରି ସିଏ ତାର ଭାତିଆ ରୁଣ୍ଡେଇ ନୟ। ସିଏ ଛେଳି ରାଖୟଜେ ଦିନେ କହିଲା ମାଁରେୟ କେତେ ଦିନ୍ ଆଉ ଛେଳି ରାଖିବି। ଗୁଟେ ଡାହି କାଟିବି, ଆଉ ଡାସ କରିବା। ସିଠୁ ତାର ମା' କହିଲା ମୁଇଁ ତ କିଛି ଦେଖି ପାରୟଁନି। ଆର ତରନାଗି କିଏ ବାସି ଆମ ନେଇଦାକେ।''(୧୮)

ବିବାହ ପରେ ଦିନେ ଦୁଇଦିନ ପରେ ପରେ ହିଁ ବାଥୁଡ଼ି ନାରୀ ପୁରୁଷ ସହ ଚାଷ କାର୍ଯ୍ୟରେ ନିୟୋଜିତ ହୁଏ। ତା'ମା' ପୁତୁଳାଟିଏ କରି ବୋହୂବେଶରେ ମଞ୍ଚାରେ ରଖିଦେଇଛି। ବାଥୁଡ଼ି ନାରୀ ଘର କାମ ବ୍ୟତୀତ ବାହାର କାମ ବି କରେ, ଯାହା ଗଳ୍ପରେ ପର୍ଯ୍ୟବେସିତ ହୋଇଛି।

**କନିଆଁ ମାଁ -**

ବଡ଼ ମା'ର ଝିଅଟିର ନାଁ ତପଇ। ପଛ ମା'ର ଝିଅଟି ଦେଖିବାକୁ ଅସୁନ୍ଦର। ସାବତ ମା' ନିଜ ଝିଅ ପାଇଁ ତପଇକୁ ହତାଦର କରେ। ତାକୁ ଛେଳି ଜଗିବାକୁ ପଠାଏ। ଛେଳି ଜଗିଲେ ବି ଛେଳିଟାଏ ତପଇକୁ ସାହାଯ୍ୟ କରେ। ଛେଳିଟି ବିଭିନ୍ନ ପ୍ରକାରର ଖାଇବା ଦ୍ରବ୍ୟ ଜଗେଇ ଦିଏ। ସାବତ ମା'ଟି ଚାହୁଁଥିଲା, ତା' ନିଜ ଝିଅ ସୁନ୍ଦର ହଉ, ମାତ୍ର ତପଇକୁ ଜଙ୍ଗଲ ପଠେଇ ମଧ୍ୟ ଅସୁନ୍ଦର କରି ପାରିଲା ନାହିଁ। ଏହାର କାରଣ ଜାଣିବାପାଇଁ ନିଜ ଝିଅକୁ ସେ ପଠେଇଛି। ଏହାପରେ ସେଇ ଛେଳିକୁ ମା' ଓ ଝିଅ ମାରି ଖାଇଛନ୍ତି। ତପଇ କିନ୍ତୁ ମାଂସକୁ ଛେଳିଟି କହିଥିବା ଅନୁଯାୟୀ ପୋତି ଦେଇଛି।

ଏପଟେ ରାଜାଘରେ ବଡ଼ ସଭାଟିଏ ହେଉଥାଏ। ସେଠିକି ମା'ଝିଅ ହିଁ ଗଲେ। ତପଇ ପୋତିଥିବା ସ୍ଥାନରେ କାନ୍ଦିବାରୁ ସୁନାଗହଣା ସବୁ ବହାରିଲା। ତାକୁ ପିନ୍ଧି ରଜାଘର ସଭାକୁ ଗଲା। ରାଜକୁମାର ତାକୁ ଦେଖି କର୍ମଚାରୀ ଦୁଇଜଣଙ୍କୁ କହିଲା, ତାକୁ ଧରିକି ଆଣ। ତପଇ ଭାବିଛି, ମା'ଝିଅ ମାରିବାକୁ ଲୋକ ପଠେଇଛନ୍ତି। ତପଇ ଦୌଡ଼ିଲାବେଳେ ଛାଡ଼ି ଯାଇଥିବା ସୁନାର ଚପଲଟିକୁ ରାଜକୁମାର ସବୁ ଝିଅଙ୍କ ପାଦରେ ମାପିଛି, କିନ୍ତୁ କାହାରି ପାଦରେ ଖାପ୍ ଖାଇ ନାହିଁ। ଶେଷରେ ତପଇ ପାଦରେ ଖାପ୍ ଖାଇଗଲା। ରାଜକୁମାର ତପଇକୁ ବିବାହ କଲେ। ଏହାଦେଖି ମା'ଝିଅ ତପଇକୁ ମାରିବାକୁ ଚକ୍ରାନ୍ତ କରନ୍ତେ, ରାଜକୁମାର ସେ ଦୁଇଜଣକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କଲେ।''[୧୯]

କନିଆ ମା' ହେଉଛି ସାବତ ମା'। ସାବତ ମା'କୁ କନିଆ ମା' ବୋଲି ବି କୁହାଯାଏ। ଗଳ୍ପରେ ସାବତ ମା' ନିଜ ଝିଅଟି ଅସୁନ୍ଦର ହେଉଥିବା ଓ ତପଇ ସୁନ୍ଦର ହେଉଥିବା ଦୃଷ୍ଟିରୁ ଈର୍ଷା

ପରାୟଣ ହେଉଛି। ଅନ୍ୟକୁ ଠକେଇବା, ଅନ୍ୟକୁ ହଇରାଣ କରି ନିଜ ସ୍ୱାର୍ଥ ହାସଲ ପାଇଁ ଚେଷ୍ଟା କଲେ ବି ସାବତ ମା'ଟି ସଫଳ ହୋଇପାରି ନାହିଁ। ଶେଷରେ ସେ ନିଜ ଝିଅସହ ରାଜକୁମାର ଦ୍ୱାରା ମୃତ୍ୟୁମୁଖରେ ପଡ଼ିଛି।

ସାମାଜିକ ଜୀବନ ବିଷୟକ କାହାଣୀଗୁଡ଼ିକରେ ଚରିତ୍ରଗୁଡ଼ିକ ମାନବ ଥିଲେ ବି ଏଥିରେ ମଧ୍ୟ ଅନ୍ୟ ଚରିତ୍ରର ସମାଗମ ଘଟିଛି। ଯେମିତି 'ଅଲ୍‌ସୁ ଆଉ ଖାଣ୍ଡିଆ ପଣ୍ଡା' ଗଳ୍ପରେ ଖଣ୍ଡିଆ ପଣ୍ଡା 'ଦୁଖା କାଣିବୁଢ଼ି ଆଉ ରାଜା ଝିଅ' ଗଳ୍ପରେ ମାଙ୍କଡ଼, 'କନିଆଁ ମା' ଗଳ୍ପରେ ଛେଳି ଛୁଆ ଚରିତ୍ରର ସମାଗମ ଘଟିଛି। ଏହି ଚରିତ୍ରମାନେ ମୁଖ୍ୟ ଚରିତ୍ରକୁ ସାହାଯ୍ୟ ସହଯୋଗ କରି ରକ୍ଷା କରିଛନ୍ତି। କିନ୍ତୁ ପରର ମନ୍ଦ ପାଞ୍ଚୁଥିବା ଚରିତ୍ରଗୁଡ଼ିକ ଶେଷରେ ନିଃଶେଷ ହୋଇଯାଉଛନ୍ତି। ମୁଖ୍ୟ ଚରିତ୍ରମାନେ ବିଭିନ୍ନ ଘଟଣା, ବିଭିନ୍ନ ପ୍ରତିବନ୍ଧକୁ ସାମ୍ନା କଲେ ବି ଶେଷ ବେଳକୁ ସୁଖରେ ଜୀବନଯାପନ କରୁଛନ୍ତି।

## ଖ) ରାଜାମନ୍ତ୍ରୀ, ସାଧବ କଟୁଆଳ ବିଷୟକ :

ଏଭଳି ଲୋକକାହାଣୀରେ ସାଧବ ବୁଢ଼ାର ଚରିତ୍ର ଅନେକ ଦେଖିବାକୁ ମିଳୁଥିଲେ ବି ରାଜାମନ୍ତ୍ରୀମାନଙ୍କ ପୁତ୍ରମାନଙ୍କ  ଭୂମିକା ମୁଖ୍ୟ ହେଲାପରି ସାଧବ ପୁଅଝିଅର ଚରିତ୍ରର ଭୂମିକା ମଧ୍ୟ ମୂଖ୍ୟ ହୋଇଥାଏ। ରାଜାମନ୍ତ୍ରୀ, ସାଧବ କଟୁଆଳ ମୁଖ୍ୟ ଚରିତ୍ର ନ ହୋଇ ସେମାନଙ୍କ ପୁଅଝିଅ ମୁଖ୍ୟ ଚରିତ୍ର ହୋଇଥାଆନ୍ତି। ଏଥିରେ ବି ଅନ୍ୟାନ୍ୟ ନୀର୍ଜିବ ବସ୍ତୁ ଜୀବଜନ୍ତୁମାନେ ମଧ୍ୟ ଗୌଣ ଚରିତ୍ର ହୋଇ ଦେଖା ଦିଅନ୍ତି। ଏଥିରେ କେତୋଟି ପ୍ରମୁଖ ଗଳ୍ପ ସ୍ଥାନିତ କରାଗଲା।

**ମାକଳ ଜାଉ ଖାଇଲା -**

''ସାଧବ ବୁଢ଼ାର ସାତ ଝିଅ। ଝିଅମାନଙ୍କୁ ବର ନ ଆସିବାରୁ ବୁଢ଼ା ସେମାନଙ୍କୁ ଅପଦୋଷୀ କହିଛି। ଏହି କଥା ଶୁଣି ଝିଅମାନେ ଅନେକ ଦୂର ଚାଲିଗଲେ। ଚାଲିଯାଇ ଏକ ଫମ୍ପାକାଠ ଭିତରେ ରହିଗଲେ। ସାଧବ ବୁଢ଼ା ଖୋଜି ଖୋଜି ସେଇ କାଠ ପାଖରେ ପହଞ୍ଚିଲା। ଫମ୍ପା କାଠକୁ ବୋହି ନେବାକୁ ଚେଷ୍ଟା କଲାବେଳେ, ଝିଅମାନେ ହୁଳହୁଳି ଦେବାରୁ ବଡ଼ାମ ମହାପୁରୁ ଭାବି ଜୁହାର ହୋଇ ଚାଲିଗଲା। କାଠ ଭିତରୁ ଝିଅମାନେ ଉଡିଯାଇ ମାଙ୍କଡ଼ ଘରର ଚାଳରେ ଖୋସି ହୋଇ ରହିଲେ। ମାଙ୍କଡ଼ ଆଳୁ ଖୋଜି ଯିବାବେଳେ, ମାଙ୍କଡ଼ ରଖିଥିବା ଗଦ, ଉଆଚାଉଳ, ଗୁଡ଼ ଦେଖି କ୍ଷିରୀ କଲେ। କ୍ଷୀରୀ ଖାଇ ପୁଣି ଚାଳରେ ଖୋସି ହୋଇ ରହିଲେ। ମାଙ୍କଡ଼ ଆଳୁ ଖୋଜାରୁ ଆସି ପିଢ଼ାରେ ବସି କ୍ଷିରୀ ଖାଇଲା। ପିଢ଼ାରେ ଲାଗିଥିବା କ୍ଷିରୀ ଲାଞ୍ଜରେ ଲାଗିଯାଇ ଅଠା ଅଠା ହେଲା। ସେ ଭାବିଲା ତା'ପାଟି ଖାଇବା ସହ ତା'ଲାଞ୍ଜ ମଧ୍ୟ ଖାଉଛି, ସେଇଥିଲାଗି ସେ ନିଆଁ ଦ୍ୱାରା ଲାଞ୍ଜକୁ ପୋଡ଼ି ଦେଲା। ଏପଟେ ରାଜା ଶିକାରକୁ ଆସି ସାତ ଭଉଣିକୁ ରାଜଉଆସକୁ ନେଇ ଗଲେ।''[୨୦]

ଗଳ୍ପର କଥାବସ୍ତୁ ଭିତରେ ଯାହା ଥାଉନା କାହିଁକି କଥନଶୈଳୀ ବା ପ୍ରକାଶଭଙ୍ଗୀ ଶ୍ରୋତାଙ୍କୁ ମନ ଜିଣିବା ପାଇଁ ପରିବେଶଟିଏ ସୃଷ୍ଟି କରିଦେଇପାରେ। ଗଠନ ଶୈଳୀରେ ଦୁଇ ଦୁଇଥର ଶବ୍ଦର ପୁନରାବୃତ୍ତି ଘଟିଛି। ଯଥା:- ''ପଳେଇନେୟଜେ ପଳେଇନେୟଜେ ପଳେଇନେୟଜେ ଏକ ରାଜ ରାଇଜକେ।''[୨୧] ଖଜିକି ଗେଲାଜେ ଗେଲାଜେ ଗେଲାଜେ ଆଉ ନାଇଁ ସିଏ ନାଇଁ ପାଇଲା।''[୨୨]

ଫମ୍ପା କାଠକୁ ଦେଖି ବୁଢ଼ା ବୋହି ଆଣିବାକୁ ଚେଷ୍ଟା କଲାବେଳେ ହୁଳହୁଳି ଶବ୍ଦ ଶୁଣି ବଡ଼ାମ ମହାପୁରୁ ଭାବି ଛାଡ଼ିଦେଇଛି। ଯାହା କାଠ ପଥର ଆଦିବାସୀମାନଙ୍କ ଦେବତା ରୂପେ ପ୍ରତିକୀତ କରେ। ''ହୁଳହୁଳି ଦେବା ବଇନେୟି। ଜେତେବେଳେ ଖାନ୍ଦେଇଲା ଆଉ ତେତେବେଳେ ହୁଳାହୁଳି ଦେନେୟି। ହୁଳାହୁଳି ଦେନେୟିବଲେ ସିଠୁ ଜୁହାର ବଡ଼ାମ ମହାପୁରୁ, ଆଉ ଅଜାଣତ୍‌ରେ ବୁହିଥିଲି। ତମ୍‌କୁ ଆଜିଠାଣୁ ରଖି ଦେଉଛେୟିଁ। ଆଉ ବୁହିବି ନାଇଁ।''(୨୩)

ଗଳ୍ପରେ ଖାଦ୍ୟ ପଦାର୍ଥ –

''ବଲେ ଦେଖିନେୟଜେ କେଁ ହାଣ୍ଡିଟାରେ ଗଦ, କେଁ ହାଣ୍ଡିଟାରେ ଗୁଳ, କେଁ ହାଣ୍ଡିରେ ଉଆଚାଉଳ, କେଁ ହାଣ୍ଡିରେ ଉଁସିଲା ଚାଉଳ ସବୁଖାଲି ଭରତି ହେଇଛି।''(୨୪)

ଗଳ୍ପରେ ବୁଢ଼ା ଅପଦୋଷୀ କହିବାରୁ ସାତଭଉଣୀଯାକ ଚାଲିଗଲେ। ଏଥିରେ ଆଦିବାସୀଙ୍କ ସ୍ୱାଧୀନ ହିସାବରେ ଝିଅମାନେ ଜୀବନଯାପନର ମାନସିକତାଟିଏ ପ୍ରକଟିତ ହୋଇଛି।

**ତିନ୍ ସଙ୍ଗାତ ଆଉ ଜେମାଦେଇ –**

ରାଜକୁମାରୀର ନାମ ଜେମାଦେଇ। ରାଜା ଘୋଷଣା କଲେ ଯେ କାଳନ୍ଦୀ ହ୍ରଦରୁ ପୁରୁଣି ଫୁଲ ଯିଏ ଆଣିବ, ସେ ଜେମାଦେଇଙ୍କୁ ବାହା ହେବ। ତିନି ଜଣ ସଙ୍ଗାତ ଭିତରେ ଜଣେ ଧନୁ ବିନ୍ଧିଲେ ସାତଦିନ ଯାଏ। ଆଉ ଜଣେ ୧୦୦ କୋଶ ବାଟ ଦେଖିପାରେ, ଆଉ ଜଣେ ୧୦୦ କୋଶ ବାଟ ଦୌଡ଼ିଯିବ ଦୌଡ଼ି ଆସିବ। ତିନିଜଣ ମିଶି ପୁରୁଣି ଫୁଲ ଆଣିଲେ, କିନ୍ତୁ କିଏ ବାହାହେବ, ନିଜ ନିଜ ଭିତରେ ଗଣ୍ଡଗୋଳ ଯୋଗୁ ଜେମାଦେଇ ମଲା। ଏମାନଙ୍କୁ ଭିତରୁ ଜଣେ ଚିତା ଭସ୍ମରେ ପ୍ରବେଶ କଲା। ଜଣେ ସନ୍ନ୍ୟାସୀ ହେଲା, ଆଉ ଜଣେ ହାଡ ଦୁଇଖଣ୍ଡ ନେଇ ଗଙ୍ଗାକୁ ଗଲା। ସମସ୍ତଙ୍କ ଲକ୍ଷ୍ୟ ଆର ଜନମରେ ବିବାହ କରିବେ। ଶେଷ ବେଳକୁ ମୁନିରଷିଟିଏ ମନ୍ତୁରାପାଣି ଛିଞ୍ଚି ଜେମାଦେଇଙ୍କୁ ଜୀବନ ଦାନ ଦେଇଛି। ପୁଣିଥରେ ସେଇ ତିନିଜଣଙ୍କ ଲଢ଼େଇ ହେବା ଦେଖି ମୁନିରଷି ସମାଧାନର ସରଳ ସୂତ୍ର ବାହାର କରିଦେଇଛନ୍ତି। ''ତହନାଗି ହେନେ ହେବି ଜୁଗିରେ ନବରଙ୍ଗ।'' ଏହାପରେ ସନ୍ନ୍ୟାସୀ ହୋଇଥିବା ବ୍ୟକ୍ତି ଜେମାଦେଇଙ୍କୁ ବିବାହ କରିଛି।''(୨୫)

ଗଳ୍ପରେ ପର ଜନ୍ମ ପାଇଁ ବିଶ୍ୱାସ –

"ସଳା ଇଜନ୍‌ମରେ ନାଇଁ ହେନେ ଆର ଜନ୍‌ମରେ ବାହାହେବୀ। ମୁଇଁ ହିଁ ତାର୍ ସେଇ ନିଆଗାଡ଼ରେ ପସିଯିବି। ସେଇ ନିଆଁ ଗାଡ଼ରେ ସିଠୁ ସିଏ ପସିଗଲା। ଆଉ ୪ଣେ ମୁଇଁ ତାର୍ ହାଡ ଦୁଇଖଣ୍ଡ ଦେଇକରି ହେନେ ଗଙ୍ଗାକେ ଜିବି। ଆଉ ଜଣେ ତାର୍ ଖାର ମାଖିକରି ସୟନାସି ହେଇ ବୁଲ୍‌ବି ଚାରିଆଳେ।''[୨୬]

ମଣିଷ ମଲାପରେ ପର ଜନ୍ମରେ ଜନ୍ମ ହେବାର ବିଶ୍ୱାସ ବାଥୁଡ଼ିମାନଙ୍କ ରହିଛି। ପୁଣି ସମସ୍ୟାର ସରଳଭାବେ ସମାଧାନ ଏହି ଗଳ୍ପରେ କରାଯାଇଛି। ଯୁଗେ ଯୁଗେ ପ୍ରେୟସୀ ପାଇଁ ପ୍ରେମିକ ପୁରୁଷ ସନ୍ନ୍ୟାସୀ ହୋଇ ବୁଲିବି ପରି କଥାଟିଏ କହିଥାଏ। ଏହା ସାର୍ବଜନୀନ ଓ ସାର୍ବକାଳୀକ ଶୁଣାଯାଏ। ମୁନିରଷି ସେଇ ସାର୍ବଜନୀନ ସତ୍ୟକୁ ଆଧାରକରି ସମାଧାନ କରିଦେଇଛି।

**ରାଜାପୁଅ ଆଉ ମନ୍ତରି ପୁଅ –**

ରାଜା ପୁଅ ଆଉ ମନ୍ତ୍ରୀ ପୁଅ ଦୁଇ ସଙ୍ଗାତ। ପ୍ରତ୍ୟେକ କାମ ଏକାଠି କରନ୍ତି। ଖେଳନ୍ତି, ଖାଆନ୍ତି, ଗାଧୋଇବାକୁ ମଧ୍ୟ ଏକାଠି ଯା'ନ୍ତି। କାମଧନ୍ଦା କିଛି ଦୁହେଁ କରୁ ନଥିବାରୁ ସାଙ୍ଗଛଡ଼ା କରିବାକୁ ଘାସି ଜାତିର ବୁଢ଼ୀଟିଏ ଆସିଛି, ତା'ଦ୍ୱାରା ମନ୍ତ୍ରୀପୁଅ ସାଙ୍ଗଛଡ଼ା ହୋଇଛି। ରାଜାପୁଅ ଏକଜିଦିଆ ହୋଇ ନିଜ ବାପ ମା'କୁ କହିଛି ମନ୍ତ୍ରୀପୁଅକୁ ହାଣି ରକ୍ତରେ ଟିକାଦେଲେ, ସେ ଖାଇବ। ପୁତ୍ରମୋହ ଗୋଟେ ପଟେ, ଆଉ ଗୋଟେ ପଟେ ମନ୍ତ୍ରୀପୁଅର ସମ୍ମାନ ଦୃଷ୍ଟିରୁ କୁକୁରଟିଏ ମାରି ସେଇ ରକ୍ତ ରାଜାପୁଅକୁ ଦେଇଛନ୍ତି, ରାଜାପୁଅ ଖାଇଛି। ରାଜାପୁଅ ଏକୁଟିଆ ହୋଇଯାଇ ସବୁକାମ କରିଛି। ମନ୍ତ୍ରୀପୁଅଟି ରାଜାପୁଅର ଅଲକ୍ଷ୍ୟରେ ରହିଛି। ଏକୁଟିଆ ରାଜାପୁଅ ନଦୀକୁ ଗାଧୋଇବାକୁ ଗଲେ କେଶବତୀ କନ୍ୟାଟିଏ ଦେଖାଦିଏ। ତା'ପ୍ରତି ଆକର୍ଷଣ ବଢ଼ିବାରୁ ମନ୍ତ୍ରୀପୁଅର ଆବଶ୍ୟକତା ପଡିଲା। ରାଜାପୁଅ ନିଜ ପିତାମାତାଙ୍କ ନିକଟରେ ଗୁହାରି କଲା, ମନ୍ତ୍ରୀପୁଅକୁ ଆଣିଲେ, ସେ ଖାଇବ। ମନ୍ତ୍ରୀପୁଅ ଆସିଛି। ଦୁହେଁ କେଶବତୀ କନ୍ୟା ପାଖକୁ ଗଲେ। ଗଲାବେଳେ ସେମାନେ ନାନା ପ୍ରତିବନ୍ଧକର ସାମ୍ନା କରିଛନ୍ତି। କେଶବତୀ କନ୍ୟାର ରାଜ୍ୟର ନାମ ସଙ୍କେଇସ। ଶେଷରେ ସାଧବର ନୂଆବୋହୂ ଓ କେଶବତୀକୁ ରାଜାପୁଅ ଓ ମନ୍ତ୍ରୀପୁଅ ନିଜ ଦେଶକୁ ଆଣିଛନ୍ତି।[୨୭]

ଗଳ୍ପରେ ଦୁଇଟି ରାଜ୍ୟ କଥା ଉଲ୍ଲେଖ ଅଛି। ଗୋଟେ ରାଜାପୁଅର ଓ ଅନ୍ୟଟି କେଶବତୀଙ୍କ ରାଜ୍ୟ। ଉଭୟ ରାଜ୍ୟର ଦୂରତା ଅନେକ। ସାତଦିନ ଓ ସାତରାତି ପରେ ସଙ୍କେଇସ ରାଜ୍ୟରେ ପହଞ୍ଚିଲେ। ସଙ୍କେଇସ ରାଜ୍ୟରେ ପହଞ୍ଚି ସୁଲ୍‌ହା ସାତେ କିଲ, ଖାଁସାରି କିଣିଲେ। ବାଥୁଡ଼ିମାନେ ସୁଲା ବା ଚଣା, ଡାଲି ଜାତୀୟ ଶସ୍ୟ ଖାଁସାରୀ ଚାଷ କରନ୍ତି, ଯାହା ଏଥିରେ ଉଲ୍ଲେଖ ଅଛି।

ଏଥିରେ ବ୍ୟବହୃତ ବାଥୁଡ଼ିମାନଙ୍କ ଗାଳି ବିଶେଷ ଶବ୍ଦ - ''ରାଙ୍ଗୁଣିଖିଆ''(୨୮)

ସାଧାରଣତଃ ଗୋଟେ ସନ୍ତାନ ପାଇଁ ପିତାମାତାଙ୍କ ମୋହ ଅଧିକ ରହିଥାଏ। ସେମାନଙ୍କ ଜିଦି ଆଗରେ ବାପା ମା' ବଳି ପଡ଼ିଯା'ନ୍ତି। ଯାହା ଏଥିରେ ରହିଛି। ପୁଣି ପୁଅ କିଛି କାମ ନ କଲେ, ବାଥୁଡ଼ିଙ୍କ ଚିନ୍ତା ବଢ଼େ। ସେଥିପାଇଁ ସେମାନେ ନାନା କୌଶଳ ଅବଲମ୍ବନ କରନ୍ତି। ଏଥିରେ ମଧ୍ୟ ମନ୍ତ୍ରୀପୁଅ ଓ ରାଜାପୁଅ କିପରି କାମଧନ୍ଦା ପ୍ରତି ମନ ବଳେଇବେ, ସେଥିପାଇଁ ଘାସିଆଣି ବୁଢ଼ୀକୁ ଡକା ହୋଇଛି।

ଅନ୍ୟାନ୍ୟ ଚରିତ୍ର ମଧ୍ୟ ଅଛନ୍ତି - ବିଲେଇ, ଘାସିଆଣି ବୁଢ଼ୀ, କେଶବତୀ କନ୍ୟା ଓ ଘୋଡ଼ା ଇତ୍ୟାଦି।

**ସୁଳସିଂ ରାଜା ଆଉ ମନ୍ତିରି -**

''ସୁଳସିଂ ରାଜା ଆଉ ମନ୍ତରି ଗଳ୍ପରେ ରାଜା ଚାହାନ୍ତି ରାଣୀ ଭଲମନ୍ଦ କଥା କହନ୍ତୁ, ମାତ୍ର ରାଣୀ କିଛି କହନ୍ତି ନାହିଁ। ଥରେ ରାଜା କହିବାକୁ କହିବାରୁ ରାଣୀ କହିଲେ - ''ଆପଣ୍ ଜାଣନ୍ତି ଯଦି ମକେ କହୁନ୍।'' ରାଜା ଯାହା କହିଲେ, ସେଥିରେ ଥିବା 'ବାର' ଅର୍ଥ କ'ଣ ପଚାରିବାରୁ ରାଣୀ କହିପାରିଲେ ନାହିଁ। ସର୍ତ୍ତ ମୁତାବକ ରାଜା ମନ୍ତ୍ରୀକୁ ଆଦେଶ ଦେଲେ ରାଣୀକୁ ଫାସୀଦଣ୍ଡରେ ଦଣ୍ଡିତ କରିବାକୁ। ମନ୍ତ୍ରୀ କିନ୍ତୁ ରାଣୀକୁ ନିଜ ଘରେ ନେଇ ରଖିଲେ। ଠିକ୍ ସମୟରେ ରାଣୀଙ୍କର ଗର୍ଭବାସ ହେଲା। ପୁତ୍ର ସନ୍ତାନଟିଏ ଜନ୍ମ ହୋଇ ପିତାଙ୍କ ସ୍ନେହରୁ ସେ ବଞ୍ଚିତ। ଚାଟଶାଳୀକୁ ପାଠ ପଢ଼ିବାକୁ ଗଲାବେଳେ ସମସ୍ତେ ବାପା କିଏ? ବୋଲି ପ୍ରଶ୍ନ ପଚାରନ୍ତି। ଶେଷରେ ରାଣୀ ପୁତ୍ରକୁ ସବୁକଥା କହିଛନ୍ତି। ପୁତ୍ର 'ବାର'ର ଅର୍ଥ ବାହାର କରି ଶେଷରେ ରାଣୀ, ପୁତ୍ର, ପୁତ୍ରବୋଧୂଙ୍କ ସହ ରାଜାଙ୍କ ମିଳନ ଘଟିଛି।''(୨୯)

'ବାର' ର ଅର୍ଥ କରିବାକୁ ପୁତ୍ରବଧୂ କହୁଛନ୍ତି - ''ଏକ୍‌ରେ ଏକାବନ୍, ଦୁଇରେ ଦିତିଆ ଚାନ୍ଦ, ତିନ୍‌ରେ ତିରିବେଣି ଘାଟ, ଚାର୍‌ରେ ଚତୁର୍ଥ ମୁରତି, ପାଞ୍ଚରେ ପଞ୍ଚୁ ପାଣ୍ଡବ, ଛଅରେ ଛଡ ଅଇରି, ସାତ୍‌ରେ ସପତ ଫେଣିନାଗ, ଆଠରେ ଅସ୍ଟବକ୍ର ମୁନି, ନଅରେ ନବଗ୍ରହ ପିଲ୍‌ହ, ଦସ୍‌ରେ ଦସବତାର, ଏଗାରରେ ଅଗ୍ନିଦେବତା, ବାର୍‌ରେ ବାସ୍ତରିଦେବଗଣ, ସୁଣ ହେ ରାଜ ନୁର୍‌ପ ଗଣ।''[୩୦]

ବାଥୁଡ଼ି ଜାତିର ଝିଅ ପୁଅ ଅବାଧରେ କଥାବାର୍ତ୍ତା କରିପାରନ୍ତି। କିନ୍ତୁ କୌଣସି ଉଚ୍ଛୃଙ୍ଖଳ ଦେଖାଯାଏ ନାହିଁ। ଗଳ୍ପରେ ରାଣୀଙ୍କ ପୁତ୍ର ମେଘୁଳ ରାଜାର କନ୍ୟାକୁ ବିବାହ କଲେ - ''ସୟମ୍ବର କରିଛନ୍ତି, ବଳେ ସିଠୁ ସିମାନେ କିସ କରିଛନ୍ତି ନା ସେଇ ମେଘୁଳ ରାଜାର ଝିଅକେ ଆଉ ସେଇ ପୁଅକେ ଗୁଟେ ଘର୍ ଛାଳି ଦେନେୟ କଥାବାର୍‌ତା ହେବା ନାଗି।''[୩୧] ଏହି ଉକ୍ତିରୁ ଏହା ବି ସୂଚିତ ହୁଏ ଯେ କଥକମାନେ ଯୌନ କଥାକୁ ଏଭଳି ଅଲକ୍ଷ୍ୟରେ ପ୍ରକାଶ କରୁଥିଲେ।

**ସାହାଳା ସୁନ୍ଦରି -**

''ଗୋଟିଏ ରାଜାର ସାତପୁଅ। ଗୋଟେ ଭଉଣୀ ନଳିତ, ସାନପୁଅ ନୂଆ ବାହା ହୋଇଛି। ସେ ସାହାଡା ସୁନ୍ଦରୀ, ବାର ହାତ ଲମ୍ବ କେଶ। ସାତପୁଅ ବଣିଜ ବେପାର କରିବାକୁ ଗଲାବେଳେ, ବାହାରକୁ ଯାଇ ଗାଧୋଇବାକୁ ମନା କରିଥିଲେ। ମାତ୍ର ସାହାଡା ସୁନ୍ଦରୀର ବାରହାତ କେଶ ମଇଳା ହେବାରୁ ନଣନ୍ଦ ସହ ନଦୀକୁ ଗାଧୋଇବାକୁ ଗଲେ। ହଟିଆ ରାଜା ସାହାଡା ସୁନ୍ଦରୀକୁ ନଦୀ ଘାଟର ଦାନ ପ୍ରତିବଦଳରେ ନେଇଯାଇ ବିବାହ କରିଛି। ସାତପୁଅ ଆସି ଦେଖିଲେ ସାହାଡା ସୁନ୍ଦରୀ ନାହିଁ। ସାନ ପୁଅଟି ଯୋଗୀ ବେଶ ହୋଇ ସାହାଡ଼ା ସୁନ୍ଦରୀକୁ ଖୋଜିଲା। ହଟିଆ ରାଜାଙ୍କ ପାଖରେ ଯାଇ ଭିକ୍ଷା ମାଗିଲା। ସାହାଡ଼ା ସୁନ୍ଦରୀ ଭିକ୍ଷା ଦେଲାବେଳେ ଯୋଗି ମରିଗଲା। ତା' ଚିତାଭସ୍ମରେ ପଶିଯାଇ ମରିଗଲା। କିନ୍ତୁ ଯୋଗୀ ଓ ସାହାଡାସୁନ୍ଦରୀକୁ ହଟିଆ ରାଜା ନିଜ ମୁଦି ଜରିଆରେ ବଞ୍ଚେଇ ପାରିଛି।''[୩୨]

ଗଳ୍ପରେ ସତୀଦାହ ପ୍ରଥାର ଚିତ୍ର ଦେଖିବାକୁ ମିଳେ। ତା'ସହ କଥକ ସୁନ୍ଦର ସାଙ୍ଗୀତିକତାର ସମ୍ମିଶ୍ରଣରେ ଗଳ୍ପଟିକୁ ଶ୍ରୋତାଙ୍କପାଇଁ ମନମୁଗ୍ଧକର କରିପାରିଛନ୍ତି।

ବାଥୁଡ଼ି ଜାତିର ଲୋକେ ଗାଧୋଇବାକୁ ନଦୀ ପୋଖରୀ କିମ୍ବା କୂଅକୁ ଯାଇଥା'ନ୍ତି। ବିଶେଷକରି ଘରେ ଗାଧୋଇବାକୁ ସେମାନଙ୍କୁ ଆଦୌ ପସନ୍ଦ ଆସେ ନାହିଁ। ଏଥିରେ ମଧ୍ୟ ସାହାଡା ସୁନ୍ଦରୀ ଓ ନଳିତ ନଦୀକୁ ଗାଧୋଇବାକୁ ଯାଆନ୍ତି। ନଦୀକୁ ଗଲାବେଳେ ସାହାଡା ସୁନ୍ଦରୀ କହୁଛି –

''ବାର ହାତ କେସ ମଇଳା ହେଲା ଗ
ଚୁଅକେ ଗାଧଇ ଜିବା।
ନଇ ସରବର ଜିବାଗ ନଳିତ
ନଇ ସରବର ଜିବା
ନଇ ସରବର କି ପାଇଁ ଜିବାଗ
ଚୁଅକେ ଗାଧଇ ଜିବା।''(୩୩)

ପ୍ରେୟସୀ ପାଇଁ ପ୍ରେମିକ ପୁରୁଷ ଯୋଗୀ ବେଶ ହେବାର ଲକ୍ଷଣ ଏଠି ବି ଦେଖିବାକୁ ମିଳେ –

''ତିନ୍ତିମିନ୍ତି ସାଲ୍ହି ଖଣ୍ଡ କୁହୁଳି ଟିପିଲି
ହିରନିଳା କାପ ଜୁଳିକି ମୁଦୁରା ତଳାଲି
ଏକା ସାହାଳାକରେ ନାଗି ଦୁନିଆ ବୁଲିଲି
ଏକା ସାହାଳାର ନାଗି ଭିକାରି ହଇଲି।''(୩୪)

ଗଳ୍ପରେ ସତୀଦାହ ପ୍ରଥାର ଚିତ୍ର – ''ଡାହା କରିନେୟବଲେ ଇଏ କହିଲା ମୁଇଁ ଇନାଗ୍ ପାସ୍‌କେ ଜିବି, କଟିଏ ଜୁଗି ଫୁଡା ଭଲ କରି ଦେଖିବି। ଯେତେବେଳେ ଗେଲା ସିଏ ପାସ୍‌କେ ସମ୍‌ତକାର ଆଖିରେ ଧୁଳି ମାରିନେଲା। ଦେଇକରି, ତା'ର ସାମି ଡାହା ଜେଁଠେ ହେଉଛି ସିଏ ସେଇ ନିଆଁରେ ଢୁକି ଗେଲା।''(୩୫)

**ବେନିଝୁମ୍ପାମାଳି ଝିଅ –**

''ସିଂଗ ରାଜାର ସାତପୁଅ, ଗୋଟେ ଝିଅ, ନାଁ ତା'ର ବେନିଝୁମ୍ପାମାଳି। ସିଂଗ ରାଜାର ବୃତ୍ତି ହେଉଛି ଶିକାର କରିବା। ଦିନେ ଶିକାର ନ ମିଳିବାରୁ କହିଲା କେହି ଯଦି କହିଦିଏ, କେଉଁଆଡେ

ଶିକାର ମିଳିବ, ତାକୁ ନିଜ ଝିଅ ସହ ବିବାହ କରେଇ ଦେବ। ଏକଥା ଶୁଣୁଥିଲେ ଭଗବାନ୍। ଭଗବାନ୍ ଆଉଥରେ ସତ୍ୟ କରେଇ ନେଲେ ଯେ କହିଦେଲେ ତାଙ୍କ ଝିଅକୁ ଦେବେ। ସିଂଗ ରାଜା ଶିକାର ପାଇଲେ। ଏମିତି କେତେଦିନ ଚାଲିଗଲା। ଭଗବାନ୍ ଯୋଗୀବେଶ ହୋଇ ସିଂଗରାଜାଙ୍କ ପାଖକୁ ଯାଇ କନ୍ୟାକୁ ବିବାହ କରି ଆଣିଲେ। ଏପଟେ ସିଂଗରାଜା ଗରୀବ ହୋଇଗଲେ। କାମ କଲେ ଚୁଲୀ ଜଳେ ନ ହେଲେ ନାହିଁ। ଏମିତି ଅନେକ ବର୍ଷ ପରେ ସିଂଗ ରାଜା ସାତ ପୁଅବୋହୂ ସହ ଭଗବାନ୍ ପାଖକୁ ଯାଇ ସୁଖରେ ରହିଲେ।''[୩୬]

ଗଳ୍ପରେ ବାଥୁଡ଼ି ପ୍ରବଣ ଅଞ୍ଚଳରେ ଦେଖା ଯାଉଥିବା ଶାଳ ବଣର ଚିତ୍ର ରହିଛି। ଯଥା:- ''ବୁଲି ବୁଲି ଥକି ଗେନେୟ ବଳେ ସିଠୁ ସର୍‌ଗିମୁଳେ ବସିନେୟ।''[୩୭] ସର୍‌ଗି ଅର୍ଥ ଶାଳଗଛ।

ସାଙ୍ଗୀତିକତାର ମଧ୍ୟ ସୁନ୍ଦର ସମନ୍ୱୟ ଘଟିଛି । ଭଗବାନ୍ ଯୋଗୀ ବେଶ ହୋଇ ଗାଉଛି। ଯଥା:-

''ନେଙ୍କିନା ବୁଗି ମର ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁତା ଦେଇରାଣି
ଫେରେଇ ନେଇଜା ସାସୁ ଭିକାରି ମୁଠାକନା
ମାଗି ବୁଲେୟଁରେ ମର କଇଁଣ ଦେଇ ରାଣି।''[୩୮]

ବାଥୁଡ଼ିମାନଙ୍କ ବିବାହ କ୍ଷେତ୍ରରେ କନ୍ୟାକୁ ବିଦାୟ ଦେଇ ବର ଘର ପର୍ଯ୍ୟନ୍ତ ନେଇ ଛାଡ଼ି ଯିବାର ପରମ୍ପରା ରହିଛି। ଗଳ୍ପରେ ଏହି ଚିତ୍ର ରହିଛି। ଯଥା:- ''ସିଠୁ ଇମାନେ ନେଇ ଛାଳି ଗେନେୟେଜେ ଜେତେବେଳେ ବନସ୍ତରେ ପହଁଚିନେୟ ଆସବାବୁ ଆମ୍‌ହେତ ରାସ୍‌ତା ଦେଖିନାଇଁ, ତୁମ୍‌ହେ ଦେଖେଇବ ହେନେ ସିନା। ଆମ୍‌ହେ ଚାଲିମୁ କହିନେୟ୍।''(୩୯)

**ସାଦ୍‌ବଝିଅ ରାଜାପୁଅ -**

''ସାଧବ ବୁଢ଼ାର ଗୋଟେ ଝିଅ। ସୁନ୍ଦର, ଗୁଣବତୀ କିନ୍ତୁ ବର ମିଳିଲେ ନାହିଁ। ସାଧବ ବୁଢ଼ା ନିଜ ଝିଅକୁ ଅପଦୋଷୀଟିଏ ଭାବି ଘରୁ ବାହାର ହେବାକୁ କହିଲା। ଝିଅ ବାହାରିଯାଇ ଆଉ ଗୋଟେ

ରାଜାର ପୁଅ ସହ ଦେଖା ହେଲା । ସେତେବେଳେ ଝିଅଟି ପୁଅ ବେଶ ହୋଇ ରାଜା ପୁଅ ସହ ସଙ୍ଗାତ ବସିଲା । ଶେଷରେ ପୁଅବେଶ ପରିତ୍ୟାଗ କରି ଝିଅ ବେଶ ହେଲା । ରାଜା ପୁଅ ଓ ଝିଅ ସାଧବ ଘରକୁ ଗଲେ । ସାଧବ ଘର ଲୋକେ ଝିଅ ଓ ଜ୍ୱାଇଁଙ୍କୁ ବନ୍ଦାପନା କରି ଘରକୁ ନେଲେ । ଏ ହେଉଛି ଗଳ୍ପର ବିଷୟବସ୍ତୁ ।''[୪୧]

ଝିଅ ପାଇଁ ବର ଖୋଜା ହେଲାବେଳେ ବର ଖୋଜି ଯାଇଥିବା ଲୋକଙ୍କ ପାଇଁ ଅଭ୍ୟର୍ଥନା ବାଥୁଡ଼ି ଜାତିର ପରମ୍ପରାକୁ ମନେ ପକେଇଦିଏ । ପୁଣି ବାଥୁଡ଼ି ଜାତିରେ ଗୋଟେ ଝିଅ ବିବାହ ହେଲେ, ପଡୋଶୀ, ପରିବାରର ବନ୍ଧୁବାନ୍ଧବ ସବୁ ପ୍ରକାର ସାହାଯ୍ୟ ସହଯୋଗ କରନ୍ତି । ପୁଣି ସୁନ୍ଦର ସାଙ୍ଗତିକତାରେ ଗଳ୍ପଟି ମୁଗ୍ଧକର ପରିବେଶଟିଏ ସୃଷ୍ଟି କରିଛି । ଝିଅ ପାଇଁ ବର ଖୋଜା ହେଲାବେଳେ ବନ୍ଧୁବାନ୍ଧବକୁ ମଧ୍ୟ ଡକରା ହୁଏ । ''ତା'ର ଗାଁର ଗାଁକେ ଡକେଇଲା । ଦିଅରେ ଆମ୍‌ହର ଝିଅର ବର୍‌ଖଜି । ଆଉ ବାହାଘର କରିବା । ଏତେ ବଡ଼ ହୋଇଗଲା, ଘରେ ରଖିବା ନାଇଁ ଆଉ ।[୪୨] ଝିଅ ବଡ଼ ହେଲେ ପିତାର ଯେ ଚିନ୍ତା ଥାଏ, ତା'ନୁହେଁ ସାହି କୁଟୁମ୍ବମାନଙ୍କର ମଧ୍ୟ ଚିନ୍ତା ହୁଏ ।

ବାଥୁଡ଼ି ଜାତିରେ ଅତିଥିସେବାର ଚିତ୍ର -

''ଦେଖିଲାଜେ ତା'ର ବର୍ ଖୁଜାଗା ଆଇଛନ୍ତି । ବର୍ ଖୁଜା ଆଇଛନ୍ତି ବଲେ ସିଠୁ ପାଣି ଦେଲା ସେ ସାଦ୍‌ବାଣି । ଛାନିଆ ମାନିଆ ଧୁଇ ହେନେୟ । ଆଉ ଖଟ ପକେଇ ଦେଲା । ଗନ୍ଥା ବିଛେଇ ଦେଲା ବସିନେଇଁ ।''[୪୩]

ବାଥୁଡ଼ି ଜାତିରେ ଝିଅ ପୁଅ, ଫୁଲ, ସଙ୍ଗାତ ଓ ସଇ ବସିଥାଏ । ସାଧବ ବୁଢ଼ା ଝିଅକୁ ବାହାର କରିଦେଲାବେଳେ ଝିଅ ସେଇ ସଙ୍ଗାତ, ଫୁଲ ଓ ସଇ ଘରକୁ ଯାଇଛି, ଯାହା ଏଥିରେ ଗୀତରେ ବର୍ଣ୍ଣନା କରାଯାଇଛି । ଯଥା:-

''ନିଅ ସଇ ପାଣି ବଲି ଧୁଅ
ଦଇବରେ ନିଅ ସରି ପାଣି ଧୁଅ
ନାଇଁ ସଇ ନାଇଁଜେ ଧୁଇବି

ଦଇବରେ ମୁଇଁ ସଇ ନାଇଁ ଧୁଇବି

ଦୁସି ଝିଅ ରାଇଜ ବୁଲିବ

ଦଇବରେ ପାପି ଝିଅ ରାୟଜ ବୁଲ୍‌ବ।''(୪୪)

ବାଥୁଡ଼ି ନାରୀଙ୍କ ଅଳଙ୍କାରର ଚିତ୍ର -

''ଦିଅ ମାଁ କାନର ଗଣ୍ଠିଆ

ଦଇବରେ ଦିଅ ମାଁ କାନ ଗଣ୍ଠିଆ

ଦୁସି ଝିଅ ରାଇଜ ବୁଲିବ

ଦଇବରେ ପାପି ଝିଅ ରାୟଜ ବୁଲ୍‌ବ।

ଦିଅ ମା' ନାକର ଜେ ଫୁଲି

ଦଇବରେ ଦିଅ ମାଁ ନାକର ଫୁଲି

ଦିଅ ମାଁ ହାତର ଜେ ବଳା।''(୪୫)

**ବିସ୍‌କେସ୍‌ନ -**

''ବିସ୍‌କେସ୍‌ନ ହେଉଛି ରାଜାଙ୍କ ଏକମାତ୍ର ଚାଟଶାଳୀରେ ବାରବର୍ଷ ପଢ଼ିଛି, କିନ୍ତୁ ଅ, ଆ ବ୍ୟତୀତ କିଛି ଜାଣେ ନାହିଁ, ଏଥିପାଇଁ ରାଜା ମନ୍ତ୍ରୀଙ୍କୁ ହୁକୁମ ଦେଲେ ପୁତ୍ରକୁ ହତ୍ୟାକରି ତା'ର ରକ୍ତରେ ସେ ଟିକା ମାରିବେ। ମନ୍ତ୍ରୀ ରାଜାପୁଅକୁ ଅନ୍ୟ କେଉଁ ରାଜ୍ୟକୁ ପଠେଇ ମେଣ୍ଢାର ରକ୍ତ ରାଜାଙ୍କୁ ଦେଲେ। ଏପଟେ ରାଜାପୁଅ ଆଉ ଗୋଟେ ରାଜ୍ୟକୁ ଯାଇ ଛେଳି ଚରେଇଛି। ସରସ୍ୱତୀ ମା'ସହ ଦେଖାହୋଇ ଆଶୀର୍ବାଦ ପାଇ ବିସ୍‌କେସ୍‌ନର ପାଠ ହୋଇଛି। ଶେଷରେ କଟୁଆଳ ଝିଅ, ରାଜାର ଝିଅ ଓ ମନ୍ତ୍ରୀର ଝିଅକୁ ବିବାହ କରି ନିଜ ରାଜ୍ୟକୁ ଫେରି ଆସିଛି।''(୪୬)

ବାଥୁଡ଼ି ଜାତିରେ ଝିଅ ପୁଅ ନଥିବା ସ୍ତ୍ରୀ ଲୋକକୁ ବାଞ୍ଝ ବା ଆଣ୍ଟୁକୁଳି କୁହାଯାଏ। ଏଥିରେ ଏହାର ଚିତ୍ର ରହିଛି। ଯଥା:- ସେଇ ବିସ୍‌କେସନ୍ ଗେଲା। ଗେଲା ଜେ ଗେଲାଜେ ଏକା ରାଜା

ରାଇଜକେ। ସିଠେ ଆଣ୍ଟୁକୁଳି ବୁଲହି ଗୁଟେ ଗାଁ ସିମାରେ ଘର ବନେଇଥାଏ।''(୪୭) ଆଣ୍ଟୁକୁଡି ନାରୀ ସମାଜ ଆଖିରେ ନିନ୍ଦିତ ଓ ଅପମାନିତ ହୋଇ ଗାଁ ସୀମାରେ ରହୁଥିବାର ଚିତ୍ର ଗଳ୍ପରେ ରହିଛି।

ଏଥିରେ ଅନେକ ପ୍ରାଚୀନ ବାଥୁଡ଼ି ଶବ୍ଦ ବ୍ୟବହୃତ ହୋଇଛି। ଯଥା:- ଗତେଇବା - ଅନ୍ୟର ତତ୍ତ୍ୱାବଧାନରେ ଛାଡ଼ିବା, ଆଣ୍ଠୁକୁଳି-ଯେଉଁ ସ୍ତ୍ରୀର ଛୁଆପିଲା ନଥାଏ, କୁକୁଳି ଡକା - ରାତ୍ରିର ଶେଷ ପ୍ରହର ବା ଗାଁ ଗୁଡ଼ିକରେ ସାଧାରଣତଃ କୁକୁଡ଼ା ଗଞ୍ଜା ଗୁଡ଼ିକ ଏହି ପ୍ରହର ବେଳକୁ ରଡ଼ି ଛାଡ଼ନ୍ତି।

**ନଖିଁ, ସରସଁତି ଆଉ କର୍‌ମା -**

''ଲକ୍ଷ୍ମୀ, ସରସ୍ୱତୀ ଓ କର୍ମଦେବୀ ଏମାନଙ୍କ ଭିତରୁ କିଏ ବଡ ? ସମସ୍ତେ ନିଜେ ନିଜେ ବଡ଼ କହୁଥିଲାବେଳେ ରାଜା ଏହାପାଇଁ ବାରବର୍ଷ ହେଲାଣି ମକଦ୍ଦମା ଲଢୁଛି। ମକଦ୍ଦମା ଫଇସଲା କେବଳ ରାଜାଙ୍କ ଜ୍ୱାଇଁ ହିଁ କରିପାରିଥିଲା।

ପ୍ରଥମରେ ସ୍ୱରସ୍ୱତୀ ବଡ ଥିଲେ ରାଜାଙ୍କ ଜ୍ୱାଇଁକୁ ପାଠ ଆସୁଥାନ୍ତା।

ଦ୍ୱିତୀୟରେ ଲକ୍ଷ୍ମୀ ବଡ଼ ଥିଲେ ରାଜାଙ୍କ ଜ୍ୱାଇଁ ମକଦ୍ଦମାରେ ଧନସମ୍ପତ୍ତି ସରି ନଥା'ନ୍ତା

ତୃତୀୟରେ କରମ ବଡ଼ ଯୋଗୁଁ ସେ ରାଜାଙ୍କ ଝିଅକୁ ବିବାହ କରିପାରିଛି।

''କର୍ମଦେବୀ ବଡ଼ ବୋଲି କଥାବସ୍ତୁରେ ପ୍ରକାଶିତ ହୋଇଛି।''(୪୮)

**ରାଜାପୁଅ, ମନ୍ତରି ପୁଅ, କଟୁଆଳ ପୁଅ -**

''ଜଣେ ରାଜାପୁଅ, ଜଣେ ମନ୍ତ୍ରୀପୁଅ, ଜଣେ କଟୁଆଳ ପୁଅ। ତିନି ଜଣ ଯାକ ବିଦେଶ ଗଲେ। ଯାହା ଟଙ୍କାପଇସା, ଚୁଡ଼ା ନେଇଥିଲେ ସବୁ ସରିଗଲା। ସରିଗଲା ପରେ ସମସ୍ତେ ଭୋକରେ ଆଉଟୁପାଉଟୁ ହେଲେ। ଗୋଟିଏ ପଡ଼ିଆ ଯାଗାରେ ରାଜା ପୁଅ ଦାନ୍ତ ଘସି ଜିଭ ଛାଲିଲାବେଳେ ପାଟିରୁ ଖଣ୍ଡେ ସୁନା ବାହାରିଲା। ତାକୁ କଟୁଆଳ ପୁଅ ଓ ମନ୍ତ୍ରୀ ପୁଅ ବିକିବାକୁ ନେଲେ। ସେମାନଙ୍କୁ ଚୋର ଭାବି ରାଜା ବନ୍ଦୀଶାଳାରେ ରଖିଲେ। ଏପଟେ ଦୁଇଜଣ ଚୋରଙ୍କ ପାଖରୁ ରାଜାପୁଅ ତସଲାଟିଏ, ଖଣ୍ଡାଟିଏ ପାଇ ଆରାମ୍‌ରେ ଚଳୁଥିଲା। ଖଣ୍ଡାଟିରେ ପକ୍କାଘର, ତସଲାଟିଏରେ ଖାଇବାଦ୍ରବ୍ୟ ହୋଇଯାଉଥିଲା। ଜଣେ ବ୍ରାହ୍ମଣ ବୁଢ଼ୀ ଭିକ୍ଷା ମାଗି ଆସି ତାକୁ ଚୋରେଇ ନେଲା। କିନ୍ତୁ

ରାଜା ପୁଅ ଚଢ଼େଇଟିଏ ହୋଇ ବୁଲିଛି। ଗୋଟିଏ ରାଜ୍ୟର ରାଣୀଙ୍କ ପାଖରେ ଚଢ଼େଇଟି ଧରା ହୋଇ ରହିଛି। ଶେଷବେଳକୁ ଚଢ଼େଇଟି ମଣିଷ ହୋଇ ରାଣୀକୁ ବିବାହ କରିଛି।''(୪୯)

ଗଳ୍ପରେ ରାଜାହୀନ ରାଜ୍ୟରେ ହାତୀ ସୁନାକଳସ ଢାଳିବା ପରି ପ୍ରବାଦଟିଏ ଅଛି। ରାଜାପୁଅ ରାଜାହୀନ ରାଜ୍ୟରେ ହାତୀ ଦ୍ୱାରା ରାଜା ହୋଇଛି। ଅଧିକାର ସୂତ୍ରରେ ପିଢ଼ି ପରେ ପିଢ଼ି ରାଜା ପୁଅ ରାଜା, ମନ୍ତ୍ରୀପୁଅ ମନ୍ତ୍ରୀ, କଟୁଆଳ ପୁଅ କଟୁଆଳ ହୋଇଛନ୍ତି।

**ରାଜାପୁଅ ଆଉ ମାଳତି କନ୍ୟା -**

''ରାଜାର ଦୁଇଟି ରାଣୀ, ସୁସିଳ ସାନରାଣୀର ପୁଅ। ବଡ଼ ରାଣୀର ପୁତ୍ର ସୁଧୀର। ସୁସିଳ ଓ ସୁଧୀର ଭିତରୁ କିଏ ରାଜା ହେବ? ଏଭଳି ଘଟଣା ଭିତରେ ସୁଧୀରକୁ ହାତୀ ଆଣି ଆସିଲା ଆଉ ଗୋଟେ ରାଜାହୀନ ରାଜ୍ୟକୁ। ବଡ଼ ଭାଇକୁ ଖୋଜି ଖୋଜି ସାନଭାଇ ମାଳତି କନ୍ୟାକୁ ବାହା ହୋଇଛି। ମାଳତି କନ୍ୟା ସାଥିରେ ସାନଭାଇଁ ବଡ଼ଭାଇକୁ ଖୋଜିଲେ। ସାନଭାଇକୁ କେଉଟ ପିଲା ଦୁଇଟି ପିଟାପିଟି କରି ନଦୀରେ ଭସେଇ ଦେଲେ। ମାଳତି କନ୍ୟାକୁ ରାଜାଙ୍କ ପାଖରେ କେଉଟପିଲା ଦୁଇଜଣ ଛାଡ଼ି ଆସିଲେ। ସାନଭାଇ ଭାସି ଯାଇ ମାଲୁଣିର ଫୁଲ ବାଡ଼ିରେ ଲାଗିଛି। ପାଳିତ କନ୍ୟା ଯେଉଁ ରାଜାଘରେ ରହିଛି, ସେଇ ରାଜା ସାନଭାଇର ବଡ଼ ଭାଇ। ଶେଷରେ ଉଭୟଙ୍କର ମିଳନ ଘଟିଛି।''(୫୦)

ଗଳ୍ପର କଥାବସ୍ତୁରେ ଅଛି ହାତୀ ସୁନାକଳସ ଢାଳିବାପରି ପ୍ରବାଦଟିଏ। ଏହାଦ୍ୱାରା ସୁଧୀରକୁ ହାତୀ ସୁନାକଳସ ଢାଳିଛି। ଏଥିରେ ଭାଇଭାଇଙ୍କ ପ୍ରତିଥିବା ଭଲପାଇବା ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଛି। କିଏ ରଜା ହେବ ବଡ଼ପୁଅ କି ସାନପୁଅ ସେଥିପାଇଁ କାହା ଭିତରେ ଝଗଡା ଲାଗିନି ସତ କିନ୍ତୁ ବ୍ରାହ୍ମଣ ପଣ୍ଡା ସୁଧୀରକୁ ଚକ୍ରାନ୍ତ କରି ବାହାରକୁ ପଠେଇ ଦେଲା।

ବାଥୁଡ଼ି ଜାତିରେ ଜଣଙ୍କ ଛୁଆପିଲା ନ ହେଲେ ଦ୍ୱିତୀୟ ବିବାହ କରିବାର ଚିତ୍ର ସମାଜରେ ଦେଖିବାକୁ ମିଳେ। ଯଥା:- ''ଝଣେ ରାଜା ଥିନେୟ। ତାଙ୍କର ଛୁଆପିଲା ନାଇଁ ହେଇତେ ସିଏ ଦୁଇଟା ରାଣି ବାହା ହେନେୟ।''(୫୧)

**ବଡ଼ାମ ପୁଅ ଆଉ ଅସୁରାଣି -**

''ମନ୍ତ୍ରୀପୁଅ, କଟୁଆଳ ପୁଅ, ସାଧବର ପୁଅ, ବଡ଼ାମର ପୁଅ ଚାରି ସଙ୍ଗାତ। କିଛି କାମଧନ୍ଦା ନ କରିବାରୁ ସେମାନଙ୍କୁ ଭାତ ତଳେ ତାତିଥିବା ଖିରୀ ଖାଇବାକୁ ଦିଆଗଲା। ସେମାନେ ହଠାତ୍ ହାତ ଥାଳିରେ ଦେଇ ଦେବାରୁ ପୋଡି ହୋଇଗଲା। ସେଇଠୁ ସେମାନେ ରାଜ୍ୟ ଛାଡ଼ିଗଲେ ଅନେକ ଦୂରକୁ। ଯେଉଁଠି ରହିଲେ, ଅସୁରୁଣୀ ବୁଢ଼ି ମେଣ୍ଢା ରୂପରେ ବଡ଼ାମର ପୁଅକୁ ଛାଡ଼ି ଅନ୍ୟମାନଙ୍କୁ ଗିଳି ଦେଲା। ବଡ଼ାମର ପୁଅକୁ ଖାଇବି ବୋଲି ଦୌଡ଼େଇଲା। ବଡାମର ପୁଅ ପ୍ରଥମେ ଗଛ ଭିତରେ, ତା'ପରେ ମାଛ ଭିତରେ ରହିଲେ ବି ବଡ଼ାମର ପୁଅକୁ ଅସୁରୁଣୀ ବୁଢ଼ୀ ଦୌଡେଇ ଦୌଡେଇ ଖାଇବାକୁ ଚେଷ୍ଟା କରିଛି, କିନ୍ତୁ ପାରିନାହିଁ। ଶେଷରେ ବାଘମାନଙ୍କ ଦ୍ୱାରା ଅସୁରୁଣୀ ମରିଯାଇଛି।''(୫୨)

ଗଳ୍ପରେ ସାଙ୍ଗୀତିକତାର ମାଧୁର୍ଯ୍ୟରେ ହିଁ କଥାବସ୍ତୁ ଗତିଶୀଳ ହେଉଛି। କଥନ ଅପେକ୍ଷା ଗୀତ ଗୀତରେ ହିଁ କଥାବସ୍ତୁର ଶେଷ ପରିଣତି ମଧ୍ୟ ସମାପ୍ତ ହୋଇଛି। ଯେତେବେଳେ ଚାରି ସଙ୍ଗାତ ରାଜ୍ୟ ଛାଡ଼ି ଚାଲିଯାଇଛନ୍ତି ସେତେବେଳେ ଗାଉଛନ୍ତି।

''ଉଳା ମଲ୍ଲିରି ଘୁଳାରେ ତ ଉଡ଼ିବଲି ଗନେଇ
ହାଇରେ ମର୍ ଉଡ଼ିବଲି ଗନେଇ
ଯାଇ ହେନେରେ ଝପ ଫାଡାନ୍ଦରେ ନା
ହାଇରେ ମର ଝପ ଫାଡାନ୍ଦରେ।''(୫୩)

ଗଳ୍ପରେ ଚାରି ସଙ୍ଗାତ ବା ବଡ଼ାମର ପୁଅ ଓ ଅସୁରୁଣୀ ମୁଖ୍ୟ ଚରିତ୍ର ହେଲେ ବି ଅନ୍ୟାନ୍ୟ ଚରିତ୍ରର ମଧ୍ୟ ସମାବେଶ ଘଟିଛି। ଯଥା:- ମେଣ୍ଢା, କୁଆ, ଖେଳିଆ ଟୋକା, ଆମ୍ବଗଛ, ମାଛ, ବାଘ ଓ ରାଜାର ପୁଅ ଇତ୍ୟାଦି।

**ମୂଳାବତି କଥାଣି**

''ମୂଳାବତୀର ମା' ମୂଳା ଶାଗ ଉଠେଇ ଉଠେଇ ଜନମ ଦେଲା। ମୂଳା ବାଡ଼ିରେ କନ୍ୟାଟିକୁ ଛାଡ଼ି ଆସିଲାବେଳେ ରାଜା ପୁଅ ତାକୁ ନେଇ ରଖିଛି। ବଡ଼ ହେଲାପରେ ରାଜାପୁଅ ବାହା ହୋଇଛି।

ଦୁଇଟି ସନ୍ତାନ ହେଲା ପରେ ରାଜା ପୁଅ ଶିକାର କରିବାକୁ ବାହାରିଲା। ରାଜାପୁଅକୁ ତାରାବତୀ ଅଟକେଇ ନିଜ ଘରେ ରଖିଲା। ସେଠିକୁ ମୂଳାବତୀକୁ ଆଣି ନାନା କଷ୍ଟ ଦେଇଛି। ଶେଷରେ ରାଜାପୁଅ ସହ ମୂଳାବତୀର ମିଳନ ଘଟିଛି।''[୫୪]

ସନ୍ତାନଟିଏ ଜନ୍ମ ହେଲେ ତାକୁ ଛୁତିକା ବୋଲି ମଧ୍ଯ କୁହାଯାଏ। ଯଥା:- ''ଆଉ ଦିନେ ଯାଇ କରିକା ତାରେ ସେଦିନ ମୁଳା ଉଠଉଥିଲା। ସିଏ ଉଠଉଥିଲା ଯିନ୍ତି ଉଠେଇତେ ଉଠେଇତେ ଛୁତିକା ହେଲା ସିଠେ। ଛୁତିକା ହେଲା ଯିନ୍ତି ଛୁଆଟାକୁ ମୂଳାଗଛ ମୂଳେ ଶୁଏଇ ଦେଇ କରିକା ସାଗଗା କୁହ୍ଲେଇ କରି ପଳେଇ ଆସିଲା।''[୫୫]

**ମାଣିକ ରାଜା, ବିଦାଧର ଆଉ ରଙ୍ଗବତି -**

''ମାଣିକ ରାଜାର ଝିଅ ନାଁ ରଙ୍ଗବତି, ମହାଜନର ନାଁ ବିଦାଧର। ମାଣିକ ରାଜା ପାଖରେ ଧନ ସମ୍ପତ୍ତିର ଅଭାବ ହେତୁ ମହାଜନ ପାଖକୁ ଯାଇ ମାଣିକ ରାଜା ଧାର୍ ମାଗିଲେ। ପ୍ରତିବଦଳରେ ସୁଝି ନ ପାରିଲେ ରଙ୍ଗବତୀ ସହ ବିଦାଧରର ବିବାହ କରିଦେବେ। ରଙ୍ଗବତୀକୁ ବିଦାଧର ବିବାହ କରି ସାରିଲା ପରେ ଅନେକ ସମସ୍ୟା ରଙ୍ଗବତୀ ସାମ୍ନା କରିଛି। ଶେଷରେ ଯାଇ ରଙ୍ଗବତୀ ସହ ବିଦାଧରର ମିଳନ ହୋଇଛି।''[୫୬]

ଗଳ୍ପରେ କୃଷିକାର୍ଯ୍ୟର ଚିତ୍ର :-

''ସବୁ କିଛି କରିନେୟ ବଳେ ଖାଇକିରି ହଳଧରି କରି ଗେଲା ତା'ର ବାପା ଧାନ୍ ବୁଣିକି। ଗୁଟୁର ଗୁମା ଛେଲାକେ ଜେତେବେଳେ ଧାନ ଧରିକିରି ଗେଲା ତା'ର ମା' ବାସିଆମ ନେଇଦେଲା। ଧାନ୍ ବୁଣ୍‌ଲା। ଧାନ ବୁଣି ସାରିକିରି ସିଠୁ ତା'ର ବାପ ଆଇଲା। ସିଠୁ ବର୍‌ଷା ହେଲା କେତେଦିନ୍ ଗେଲା। ପନ୍ଦର ଦିନ୍ ମାସେ ଗଲା ସିଠୁ ରୁଆ ବିହିଲା ହେଲା। ରୁଆ ବିହିଲା ଜେତେବେଳ ହେଲା ସିଠୁ କହିଲା ଆଜି ବିହିଲିକି ମୁଇଁ ନେଉଛେଉଁ କିଆର୍‌କୁ। ଆର୍ ଝିଅମାନେ ତୁମ୍‌ହେ ଜିବ ବାଟିଆ କରି। ତା'ର ବାପ ହଳଧରି କରି ଗେଲା। ଆଉ ଝିଅମାନେ ବାଟିଆ କର୍‌କି ଗେନେୟ ବାଟିଆ କରିଦେୟ ପଳେଇ ଆଇନେୟ। ଫେର୍ ବାଛିକି ଗେନେୟ। ବାଛା ହେଲାବେଳେ ଝଳା

ଛିଣ୍ଡେଇନେୟ। ସିଠୁ ଧାନ ପାକିଲା। ଧାନ କାଟିନେୟ। କାଟିକରି ସିଠୁ ଆଇନେୟ, ମଡ଼େଇନେୟ।''(୫୭)

ଚାଷ କାର୍ଯ୍ୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟର ବର୍ଣ୍ଣନା ଗଳ୍ପରେ ରହିଛି। ପୁଣି ବାଥୁଡ଼ି ନାରୀ ଘରକାମ ବ୍ୟତୀତ ବାହାର କାମ ବି କରେ।

ଏଥିରେ ସାଙ୍ଗୀତିକତାର ମଧ୍ୟ ପ୍ରୟୋଗ ଅତି ସୁନ୍ଦର ଭାବେ କରାଯାଇଛି।

''କାହାଘର ଝିଅ କାହାଘର ବହୁ
କାହାଘର ଝିଅ କାହାଘର ବହୁ
ଉଢୁଣୀ ଆଡ଼େଇ କୁହଇ ହାଇ ହାଇ କରମ
ତୁମକୁ ବଲଇଁ କୁଳିଆ ଭାଇ ହ
ରାସ୍ତା ଫଲିଛି ଜୁଆ ହଇ ହ ହାଇହାଇ କରମ
ରଙ୍ଗବତି ମର ରଙ୍ଗର ଯୁବତି
ତୁମଠାରେ କଥା ଅଛି ହ ହାଇ ହାଇ କରମ।''(୫୮)

## ଗ) ପଶୁପକ୍ଷୀ ବିଷୟକ :

ପଶୁପକ୍ଷୀ ଜୀବନ ବିଷୟକ ଗଳ୍ପଗୁଡ଼ିକରେ ମୁଖ୍ୟ ଚରିତ୍ରରେ ଯେ କୌଣସି ପଶୁପକ୍ଷୀ ଦେଖାଦିଅନ୍ତି। ପଶୁପକ୍ଷୀ ଚରିତ୍ର ବ୍ୟତିତ ଅନ୍ୟାନ୍ୟ ଚରିତ୍ରର ମଧ୍ୟ ସମାବେଶ ଘଟିଥାଏ।

**ସିଆଳ କୁକୁଳା –**

ମାଈ କୁକୁଡ଼ାଟି, ତା'ର ଦୁଇ ଗଣ୍ଡା ଛୁଆ। ବେଲଟିଏ କୁକୁଡ଼ାର ମୁଣ୍ଡରେ ପଡ଼ି ମରିଯିବା ଫଳରେ ଚିଆଁ ଛୁଆ ଗୁଡ଼ିକ କାନ୍ଦିବାକୁ ଲାଗିଲେ। ଏହା ଦେଖି ଶିଆଳଟିଏ ଭଣଜା ଭାଣିଜୀର ସମ୍ପର୍କ ଦେଖେଇ କୁକୁଡ଼ାଟିକୁ ପୋତିଦେଇ ଆସିବ, ଏଇ ବାହାନାରେ ଖାଇଲା। ପୁଣି କୁକୁଡ଼ା ଛୁଆଗୁଡ଼ିକ ଖାଇବ ବୋଲି ପ୍ରତ୍ୟେକ ରାତିରେ ଆସି ଖୋଜେ। କିନ୍ତୁ ଛୁଆଗୁଡ଼ିକ ଆଗରୁ ସଚେତନ ହୋଇଯାଇ, ଯେଉଁ ଯାଗାରେ ଶିଆଳକୁ କହିଦେଇଥା'ନ୍ତି, ସେଇ ଯାଗାରେ ନ ଶୋଇ ଅନ୍ୟ ଆଉ ଏକ ଯାଗାରେ ଶୋଇଯା'ନ୍ତି। ଶିଆଳଟି ଏମିତି କିଛିଦିନ ନ ପାଇ ଲାଉତୁମ୍ବାଟିଏ ଦେଖି ତାକୁ ଟେକି ନେଇ ଚାଲିଗଲା। ଲାଉ ତୁମ୍ବାଟିକୁ କାଟି ଦେଲାବେଳକୁ ସବୁ କୁକୁଡ଼ା ଛୁଆଗୁଡ଼ିକ ଉଡି ଚାଲିଗଲେ, ଗୋଟେ ଚିଆଁ ଛୁଆ ଉଡ଼ି ନ ପାରି ରହିଗଲା। ଶିଆଳଟି ଚିଆଁ ଛୁଆଟିକୁ ଖାଇବାକୁ ଉଦ୍ୟତ ହେଲାବେଳେ ସେ କହିଲା, ତାକୁ ଗାଧୋଇ ସଫା କରି ଚିକ୍କଣ କରି ଖାଇଲେ ଭଲ ହେବ। ଚିଆଁଟିକୁ ଗାଧୋଇ ସଫା କଲା ଶିଆଳ। ସଫା ହୋଇ ସାରିଲା ପରେ ଚିଆଁଟି କହୁଛି ଯେ ସେ ଆଖିବୁଜି ପାଟି ମେଲାକରି ରହିଥାଉ। ଚିଆଁ ପାଟିରେ ପଶିଯିବ। ଶିଆଳ ଆଖିବୁଜି ପାଟି ମେଲା କରି ରହିଲାବେଳକୁ ଚିଆଁ ଛୁଆଟି ଝାଡ଼ା ଫେରି ଉଡ଼ିଗଲା ଗଛ ଉପରକୁ। ଗଛକୁ ଅନେଇ ଅନେଇ ଶିଆଳଟି ବସି ରହିଲା। ତା'ପଛପାଖ ଉଇ ଖାଇଗଲେ। ତାକୁ ସିଲେଇକଲା ମୋଚି ପାଖରେ। ପୁରା ସିଲେଇ କରିବାରୁ ବିନ୍ଧାଣି ପାଖରେ ତାତିଥିବା ଲୁହାରେ ଚେଁକ ଦିଆ କରେଇଲା। ଫଳରେ ସେଇଠି ହିଁ ଶିଆଳଟି ମୃତ୍ୟୁମୁଖରେ ପଡ଼ିଲା।(୫୯) ଏଥିରେ ଅଛି ବେଲଟିର କଥା ନ ମାନିବାରୁ କୁକୁଡାର ମୃତ୍ୟୁ। ଚାଲାକ୍ କରି ଶିଆଳ କୁକୁଡାକୁ ଖାଇଯିବା, ଅତି ଚାଲାକ୍‌ରୁ ଶିଆଳ ବିଷ୍ଠା ଖାଇବା ତଥା ମୃତ୍ୟୁମୁଖରେ ପଡ଼ିବା ପରି ଘଟଣା ଗୁଡ଼ିକ ଘଟିଛି।

ଗଳ୍ପରେ ଅନେକ ପ୍ରାଚୀନ ବାଥୁଡ଼ି ଶବ୍ଦ ଦେଖିବାକୁ ମିଳେ। ଯଥା:- ନିରଘାତ - ବାରମ୍ବାର, ନହତା - କଡ଼େଇ, ଫୁରିହେବା - ପ୍ରବେଶ କରିବା, ନେଣ୍ଡିଆ - ଛୋଟ, ସଲ୍‌ବଟିଆ - ଅତ୍ୟଧିକ।

**ଟିଣ୍ଟି ଚଢ଼େଇ -**

ସାଧବ ବୁଢାଟିଏ ଥିଲା। ସେ ଜଙ୍ଗଲ ସଫା କରି ଚାଷ କରିଛି। ଗଛଗୁଡ଼ିକୁ ହାଣି ଦଉଥିବାରୁ ଶିଆଳମାନେ ତା'ପ୍ରତି ରାଗ ରଖିଲେ। ଟିଣ୍ଟି ଚଢ଼େଇଟିଏ ଯେଉଁ ଗଛରେ ବସା ବାନ୍ଧିଥାଏ। ସେଇ ଗଛକୁ ହାଣିଦେବାକୁ ଯାଉଥିଲାବେଳେ ଟିଣ୍ଟି ଚଢେଇ ନ ହାଣିବାକୁ ନେହୁରା ହେଲା। ଫଳସ୍ୱରୂପ ସେ ସାଧବ ବୁଢ଼ାର ଉପକାର କରିବ। ଏପଟେ ଶିଆଳମାନେ ସଭା କରି ସାଧବ ବୁଢ଼ାର ଭୂଇଁତାକୁ, ଝୁଡଙ୍ଗ, କୁକୁଡ଼ା, ଛେଳି ଆଦିକୁ ଖାଇଦେବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଶିଆଳମାନେ ଯେଉଁଠି ସଭା କରନ୍ତି, ଟିଣ୍ଟି ଚଢ଼େଇ ଶୁଣି ସାଧବ ବୁଢ଼ାକୁ ସତର୍କ କରେଇ ଦିଏ। ଶିଆଳମାନଙ୍କ ନାନା କୌଶଳଗୁଡିକ ଶେଷ ପର୍ଯ୍ୟନ୍ତ ପଣ୍ଡ ହୋଇଯାଇଛି।''(୬୦)

ଏ ହେଉଛି ଗଳ୍ପର କଥାବସ୍ତୁ। କଥାବସ୍ତୁ ଭିତରେ ଚଢ଼େଇଟିର ବଚନ ରକ୍ଷା ଶେଷ ପର୍ଯ୍ୟନ୍ତ କରିଛି।

ଟିଣ୍ଟି ଚଢ଼େଇ ଅଣ୍ଡା ଦେଇଥିବାରୁ ଖୁବ୍ ଶିଘ୍ର ସେ ଛୁଆ ଫୁଟେଇବ ସେଥିପାଇଁ ଗଛଟିକୁ ସାଧବ ବୁଢ଼ା ନ ହାଣି ଛାଡ଼ି ଦେଇଛି। ଏହି ଉପକାର ପ୍ରତିବଦଳରେ ତା' ଚାଷବାସକୁ ରକ୍ଷା କରିଛି। ଯଥା:- ''ପିଠାଳି ଦେଇଛି। ସାଦ୍‌ବ ବୁଢ଼ା ସେଇ ଗଛଟାକେ ହାଣି ଦେଇକି ଭାଆରି ଥିଲା। ସିଏ କହିଲା ଏୟ, ଇଟା ମୁଇଁ ବାସ କରିଛେୟଁ, ତୁଇ ଇଟା ଭାଙ୍ଗ ନାଇଁ, ତର ଭଉତ୍ ଉପଗାର୍ କର୍‌ବି। ଉପଗାର୍ କରିବେ? ନାଁ, ହଁ ଉପଗାର କର୍‌ବି। ତାହାନେ କି ଉପ୍‌ଗାର କରିବେ? ନା ଜାହା ଉପ୍‌ଗାର କର୍‌ବି ସିଟା ତୁଇ ପଛରେ ଜାଣ୍‌ବେ।''(୬୧)

**ସିଆଳ ଖେଳିଆ -**

ଶିଆଳ ଖେଳିଆ ଦୁଇ ସଙ୍ଗାତ। ଦିନେ ଭୋଜି କଲେ। ଶିଆଳ ବଡ଼ ଗାତ ଓ ଖେଳିଆ ଛୋଟ ଗାତରେ ଭୋଜି ଖାଇଲେ। ଖେଳିଆ ନିଜର ସାମର୍ଥ୍ୟ ନାହିଁ ବଡ଼ ଗାତଟିଏ ଖୋଳିବ। ଶିଆଳକୁ

ପାନେ ଦେବା ପାଇଁ ଖେଳିଆ ପ୍ରଥମେ ରାଜାଘରର ଲଙ୍କା, ବାଲିଜନ୍ଦା, ଶେଷରେ ସାପଦ୍ୱାରା ମୃତ୍ୟୁମୁଖକୁ ଠେଲି ପକେଇଲା।

କଥାବସ୍ତୁରେ ଶିଆଳ ଓ ଖେଳିଆ ଦୁଇ ସଙ୍ଗାତ ସତ କିନ୍ତୁ ନିଜ ସ୍ୱାର୍ଥ ଦେଖିଛି ଶିଆଳ। ଯେଉଁଥିପାଇଁ ଶିଆଳଟି ଶେଷରେ ମୃତ୍ୟୁମୁଖରେପଡ଼ିଛି।[୬୨]

**ଭାଲୁ ବର୍‌ହା -**

ଭାଲୁ ବର୍‌ହା ଦୁଇ ସୟାଣି। ଦୁହେଁ ମିଶି ରହନ୍ତି, ଖାଆନ୍ତି। ଭାଲୁ ଛୁଆ ଓ ବରହା ଛୁଆଙ୍କ ଭିତରେ ଖେଳିଲାବେଳେ ପିଟାପିଟି ହେଲେ। ଛୁଆ କଳି ବଢ଼ି ଯାଇ ଭାଲୁ ଓ ବର୍‌ହା ଭିତରେ ଝଗଡ଼ା ହେଲା। ବର୍‌ହା ନିଜ ଛୁଆକୁ ଧରି ନଦୀ ବଢ଼ିରେ ପାହାରି ଗଲେ। ଭାଲୁ ପଚାରିଛି କେମିତି ସୟାଣି ପାହାରିଲ। ସେ କହିଛି ବେକରେ ପଥରଟିଏ ବାନ୍ଧି ପାହାରିବାକୁ। ଶେଷରେ ଭାଲୁ ଓ ଛୁଆକୁ ନଦୀ ଭସେଇ ନେଇଛି।[୬୩]

ଗଳ୍ପରେ ଛୁଆମାନଙ୍କ ଖେଳ ଭିତରେ କଳି ସୃଷ୍ଟି ହୋଇଛି। ସେଇ ଟିକକ କଳି ଦୁଇ ସୟାଣି ଭିତରେ ଅବିଶ୍ୱାସର ପାହାଡଟିଏ ଛିଡା କରେଇ ଦେଇଛି। ଶେଷରେ ବାର୍‌ହା ଟିକେ ଭୁଲ୍‌ପାଇଁ ନିଜ ସୟାଣିକୁ ମଧ୍ୟ ମାରିବାକୁ ପଛେଇ ନାହିଁ।

**ବାଘ ଆଉ ଚୁର -**

ସାଧବର ସୁନ୍ଦର ବଳଦଟିଏକୁ ଚୋର ବି ଲୋଭ କଲା, ବାଘ ବି ଲୋଭ ଗଲା। ଜ୍ୟୋସ୍ନା ଆଲୋକରେ ଚୋରଟି ବଳଦଟିକୁ ଚୋରି କରିବାକୁ ଗଲା। ସେଦିନ ବାଘ ବି ଯାଇଥିଲା। ଚୋର ବଳଦକୁ ବାନ୍ଧିବା ବଦଳରେ ବାଘକୁ ବାନ୍ଧି ପକେଇଛି। ବାନ୍ଧି ନେଇଯାଇ ଗଛରେ ବାନ୍ଧି ଦେଇଛି। ଚୋର ସେଇଠି ଶୋଇ ପଡ଼ିଛି। ଭାଲୁଟିଏ ସେଇ ସମୟରେ ଆସିଛି। ଗଛକୁ ହଲେଇ ହଲେଇ ବାଘଟି ଗଛକୁ ଭାଙ୍ଗିଦେବାରୁ ସେଇ ଗଛ ଭାଲୁ ଉପରେ ପଡ଼ି ଭାଲୁ ମରିଛି। ଶିଆଳଟିଏ ଆସିଛି। ଚୋରଟି ତାକୁ ବୁଲେଇ ବୁଲେଇ ଫୋପାଡ଼ିଛି। ସକାଳ ହେଲା ପରେ ସେମାନଙ୍କ ଭୟରେ ସେ ଚାଲି ଆସିଛି। ଏ ହେଉଛି ଗଳ୍ପର କଥାବସ୍ତୁ।[୬୪]

ଏହି କଥାବସ୍ତୁ ଅନେକତ୍ର ଶୁଣିବାକୁ ମିଳୁଥିଲେ ବି ବାଥୁଡ଼ି ଲୋକେ କିଛିଟା ପରିବର୍ତ୍ତନ କରି ଦେଇଛନ୍ତି। ଚୋରର ଭାଗ୍ୟ ଓ ବୁଦ୍ଧିଦ୍ୱାରା ସେ ବାଘ, ଭାଲୁ ଓ ଶିଆଳ ପାଖରୁ ଜୀବନ ବଞ୍ଚେଇ ପାରିଛି।

**ସାଧବ ଝିଅ ଆଉ ମାକଳ -**

ସାଧବ ବୁଢ଼ାର ଝିଅଟିଏ। ଦିନେ ଲୁଗା ସଫା କରିବାକୁ ଗଲା ନଦୀକୁ । ଲୁଗାକୁ ମାଙ୍କଡ଼ ନେଇଗଲା। ତା' ପଛରେ ଯାଇ ମାଙ୍କଡ଼ ଘରେ ସେ ଯାଇ ହାଜର। ଝିଅକୁ ଖୋଜିବାକୁ ଯାଇ ତା'ଭାଇ ମାଙ୍କଡ଼ର ଅନୁପସ୍ଥିତିରେ ଭଉଣୀକୁ ଉଦ୍ଧାର କରିଛି। ଭାଇ ଭଉଣୀକୁ ଅଟକେଇବା ପାଇଁ ପଛରେ ପଛରେ ମାଙ୍କଡ଼ ଯାଇ ପହଞ୍ଚିଲା ସାଧବ ଘରେ। ସାଧବ ଘରେ ତାତିଥିବା ପାଣିରେ ଡାଳିହୋଇ ମୃତ୍ୟୁମୁଖରେ ପଡ଼ିଲା।(୬୫)

ଗଳ୍ପରେ ସାଧବ ବୁଢ଼ାର ଝିଅ ବ୍ୟତୀତ ଅନ୍ୟାନ୍ୟ ଚରିତ୍ର ରହିଛନ୍ତି। ଯଥା:- ସାଧବ ବୁଢ଼ାର ପୁଅ, ମାଙ୍କଡ଼, ପଣ୍ଡା ଚରାଉଥିବା ବ୍ୟକ୍ତି, ଛେଳି ଚରଉଥିବା ବ୍ୟକ୍ତି, ବଳଦ ଚରାଉଥିବା ବ୍ୟକ୍ତି ଇତ୍ୟାଦି।

ଛେଳି, ପଣ୍ଡା, ବଳଦ ଚରଉଥିବା ବ୍ୟକ୍ତିଙ୍କ ପାଖରେ ମାଙ୍କଡ଼ ସାଧବଝିଅ ଓ ପୁଅ ବିଷୟରେ ପଚାରି ପଚାରି ଯାଇଛି। ଏହି ପଚାରିବା କଥାକୁ ଗୀତ ମାଧ୍ୟମରେ ପ୍ରକାଶ କରିଛି।

''ଏ ବଳଦ୍ ଚରା  ବାଗାଲ୍ ଭାୟ
କଇ ନିଜେ ରାଜରବେଟି ଦେଖିଥିଲ କି
ହାତରେ ରୁଣୁଝୁଣୁ କାଙ୍କଣ
ଗୁଡ଼ରେ ରୁପାଟୁଟାର ଝଞ୍ଜରି
ମଥାରେ ଅବେ ବନର ଫୁଲ୍।''(୬୬)

ମାଙ୍କଡ଼ ସାଧବ ଝିଅର ଲୁଗା ନେଇଗଲାବେଳେ ଝିଅ ଗୀତରେ ବୋଲୁଛି। ଯଥା:-

''ଏ କେସା କେନ୍ଦୁଖିଆ ବଲେୟଁନା
ଦେରେ ମର୍ କାପଲା ବଲେୟଁନା

ଏ ସାଦ୍‌ବ ଘର ଝିଅନା

ଆଉ ଖଣ୍ଡେ ଦୁରୁ ଚାଲିଚାଲି ଆସନା

ଏ କେସା କେନ୍ଦୁଖିଆ ମାକଲ ବଲେୟଁନା

ଦେରେ ମର କପଲା ବଲେୟଁନା

ଏ ସାଦ୍‌ବ ଘର ଝିଅନା

ଆଉ ଖଣ୍ଡେ ଦୁରୁ ଚାଲି ଚାଲି ଆସନା।''[୬୭]

## ଘ) ଅସୁର ଅସୁରୁଣୀ ଜୀବନ ବିଷୟକ :

ଅସୁର ଓ ଅସୁରୁଣୀ ଜୀବନ ବିଷୟକ ଗଳ୍ପରେ ଅସୁର ଓ ଅସୁରୁଣୀ ବୁଢ଼ୀ ମୁଖ୍ୟ ଚରିତ୍ରରେ ପ୍ରତିବନ୍ଧକ ସାଜନ୍ତି। ତାକୁ ଜୀବନରେ ମାରିଦେବାକୁ ଚେଷ୍ଟାକରି ମଣିଷ ପରି ଚଳିବାକୁ ଚେଷ୍ଟା କଲେ ବି ସଫଳ ହୋଇପାରନ୍ତି ନାହିଁ। କିନ୍ତୁ ଏମାନେ ଶେଷ ବେଳକୁ ମୃତ୍ୟୁମୁଖରେ ପଡ଼ନ୍ତି। ପ୍ରତିଟି ଗଳ୍ପରେ ଅସୁରୁଣୀ ବୁଢ଼ୀର ନିଧନ ହୋଇଛି।

**କାନ ପାହାଳି -**

ବିଧବା ସ୍ତ୍ରୀଟିଏ, ତା'ର ପୁଅଟିଏ ଝିଅଟିଏ। ଦିନେ ସେ ଚାହିଁଲା କୁଣିଆ ଯିବ। ସେଥିପାଇଁ ଜଣକୁ ନିଜ ଘରେ ଦିନକ ପାଇଁ ନିଜ ଛୁଆଙ୍କ ପାଖରେ ଶୋଇବାକୁ କହି କୁଣିଆ ଗଲା। ଭାଇ ଭଉଣୀ ରାତିରେ ଭାତଖାଇ ଶୋଇଲେ। ଅସୁରୁଣୀ ବୁଢ଼ୀ ଏହାର ସୁଯୋଗ ନେଇ ପଡ଼ୋଶୀ ଜଣକ ବେଶରେ ଆସି ଭାଇ ଭଉଣୀ ପାଖରେ ଶୋଇଲା। ଭାଇ ଭଉଣୀ ଜାଣିପାରି କୌଶଳ କରି ବାହାରକୁ ଚାଲି ଆସିଲେ। ଶେଷରେ ସେଇ ବୁଢ଼ୀକୁ ଧନୁ ତୀରରେ ଲୋକେ ମାରିଦେଲେ।[୬୮]

ଗଳ୍ପରେ ଅସୁରୁଣୀ ବୁଢ଼ୀ ପାଖରୁ ରକ୍ଷା ପାଇବା ପାଇଁ ଭଉଣୀର ଯେଉଁ ପ୍ରୟାସ ହୋଇଛି ତା' ବୁଦ୍ଧିମାନର କାର୍ଯ୍ୟ। ଛୁଆ ଦୁଇଟିକୁ ଛାଡ଼ି ନିଜ ମା' କୁଣିଆ ଯିବାଟା ଆଦୌ ଶୋଭନୀୟ ହୋଇନି। ବେଳେବେଳେ ଏଭଳି ଚରିତ୍ର ସମାଜରେ ଦେଖାଯା'ନ୍ତି।

ଗଳ୍ପର ଆରମ୍ଭରେ ଅଛି ଯଥା:- ''ତା'ରେ ରାଣ୍ଡ ମାଁ ଟାଜେ ତାର୍ ଝିଅ କଟି, ପୁଅ କଟିଏ। ସିଏ ତା'ର ବଂଧୁ - ବାସିଆ ଜିଆକେ ବଲିକିରି କହିଲା। ଆଉ ଝଣେ ମଣ୍‌ସ କିଏ ଜଗି ଦେତାକି ମର୍ ଛୁଆ ଦୁଇକଟିକେ, ତାହାନେ ମୁଇଁ ଜିତି ବଁଧୁବାସିଆ।''[୬୯]

ଗଳ୍ପରେ ଅନେକ ପ୍ରାଚୀନ ବାଥୁଡ଼ି ଶବ୍ଦ ରହିଛି। ଯଥା:- ରାଣ୍ଡ - ବିଧବା, ତାରେ - ତା'ର, ଜଗି ଦେତା - ଜଗି ଦିଅନ୍ତା, ଚଘ୍ରି ଚଘ୍ରି - ଗୁରୁଣ୍ଡି ଗୁରୁଣ୍ଡି, ଫୁରି ହେବା - ପଶିବା ଇତ୍ୟାଦି।

**ଝାମ୍ପୁଲି ମୁଣ୍ଡି ଆଉ ଭାଲୁକାଣି -**

ଝାମ୍ପୁଲି ମୁଣ୍ଡି ସମସ୍ତଙ୍କ ଛେଳି ଚରାଏ। ତା' ମା' ପତ୍ୟେକ ଦିନ ପିଠା ଦେଇଦିଏ। ଦିନେ ଝାମ୍ପୁଲି ମୁଣ୍ଡି ପିଠାକୁ ମାଟିରେ ପୋତିଦେଲା। ଗଛ ହେଲା, ପିଠା ଫଳିଲା। ଝାମ୍ପୁଲିମୁଣ୍ଡି ଗଛରେ ଉଠି ପ୍ରତ୍ୟେକ ଦିନ ପିଠା ଖାଏ। ଥରେ ଭାଲୁକାଣି ବୁଢ଼ୀ ଝାମ୍ପୁଲି ମୁଣ୍ଡିକୁ ପିଠା ମାଗି ନେଇଯାଇଛି, ଅଖାରେ ପୁରାଇ। କିନ୍ତୁ ଅଖା ରଖିଦେଇ ପାଣି ପିଇଲାବେଳେ ହଳୁଆଗଣ ଛାଡ଼ି ଦେଇଛନ୍ତି। ଦ୍ୱିତୀୟବାର ସେ କିନ୍ତୁ ଝାମ୍ପୁଲିମୁଣ୍ଡିକୁ ନେବାରେ ସଫଳ ହୋଇଛି। ନିଜ ଘରେ ଝିଅକୁ ପାଣି ଫୁଟେଇବାକୁ କହି ଗାଧୋଇବାକୁ ଗଲା। ଝାମ୍ପୁଲିମୁଣ୍ଡି ତା'ଝିଅକୁ ତାତିଥିବା ପାଣିରେ ପକେଇ ଚାଲି ଆସିଲା। ଏ ହେଉଛି ଗଳ୍ପର କଥାବସ୍ତୁ।[୭୦]

କଥାବସ୍ତୁ ପ୍ରାୟତଃ ଅନେକତ୍ର ଶୁଣିବାକୁ ମିଳେ। ଗୋଟେ ଗୋଟେ ବାଥୁଡ଼ି ପ୍ରବଣ ଅଞ୍ଚଳରେ ବି ଝାମ୍ପୁଲିମୁଣ୍ଡି ବଦଳରେ ଖେଳିଆ ଟୋକା, ଭାଲୁକାଣି ବଦଳରେ ଅସୁରୁଣୀ ବୁଢ଼ୀ କଥାବସ୍ତୁରେ ପୁଣି ଖେଳିଆ ଟୋକା, ଅସୁରୁଣୀ ବୁଢ଼ୀ ଘରେ ଛେଳିଟିଏ ମାରି ଅସୁରୁଣୀ ବୁଢ଼ୀର ଝିଅକୁ ଆଣି ଆସିଛି। ଆସିବା ପୂର୍ବରୁ ବୁଢ଼ୀକୁ ସେମାନେ ମାରି ଦିଅନ୍ତି।

ଏହି କଥାବସ୍ତୁକୁ ନେଇ ସାନ୍ତାଳ ଲୋକକାହାଣୀରେ ବି ଏହିଭଳି ଗଳ୍ପ ଶୁଣିବାକୁ ମିଳେ। ସବୁଠି ଏକା ପ୍ରକାରର କଥାବସ୍ତୁ ଶୁଣିବାକୁ ମିଳୁଥିଲେ ବି ସ୍ଥାନଭେଦ ଅନୁସାରେ ପ୍ରକାଶଭଙ୍ଗୀ ବା ଗଠନ ଭଙ୍ଗୀ ଅଲଗା ହୋଇଥାଏ।

ଗଳ୍ପର ଗଠନଶୈଳୀ, ଯଥା:- ''ସେ ଗାଁରେ ଛେଳି ଜେ ଆଉ ଗୁଟେ ବଡ଼ ପଳିଆରେ ଛେଳି ରାଖନ୍ ସମତେ। ତ ସିଏ ସିନ୍ତି ଝାମ୍ପୁଲି ମୁଣ୍ଡି ଗାଁ ଜାକର ଛେଳି ରାଖୟ। ତାର୍ ମାଁ ଦିନ ସକାଳେ ପିଠା କରୟଜେ ପିଠା ନେଇ ନେଇ ସିଏ କହିଲା। ମାଁରେୟ ପିଠା ଗୁଟେ ନଗାନେ ଗଛ୍ ଭାଆରିଆକ୍ନା।''[୭୧]

**ଭାଇ ଭଅଣି -**

ବାପ ମା' ଛେଉଣ୍ଡ ଭାଇ ଭଉଣୀ। ଆଣିଲେ ଖାଆନ୍ତି ନ ହେଲେ ନାହିଁ। ଦିନେ ଭାଇଟି କାଠ ପାଇଁ ଯାଇଛି, ଆମ୍ବଟିଏ ରଖିଦେଇ, ଆସିଲେ ଦୁହେଁ ଖାଇବେ। ତା'ପରେ ସ୍ୱର୍ଗରୁ ତିନିଦେବତା ଆମ୍ବ ଖାଇ ଭଉଣୀକୁ ଆଶୀର୍ବାଦ କରି ଚାଲିଗଲେ ଯେ ଭଉଣୀଟି ମୁଣ୍ଡ କୁଣ୍ଡେଇ ହେଲେ ସୁନା ଗହଣା ବାହାରିଛି। ଭାଇଟି ସୁନାଗହଣା ଧରି ହାଟକୁ ଗଲାବେଳେ ରଜା ଘର ଲୋକେ ତାକୁ ଧରିଛନ୍ତି। ସେ ସବୁ ସତକଥା କହିଛି। ସତ କି ମିଛ ଜାଣିବା ପାଇଁ ଭଉଣୀକୁ ଆଣିବାକୁ କହିଛନ୍ତି। ଭାଇ ଭଉଣୀ ଦୁହେଁ ଆସିଲାବେଳେ ବୁଢ଼ୀ ଅସୁରୁଣୀ କୌଶଳରେ ତା' ଭଉଣୀର ମୁଣ୍ଡରେ ପିନ୍‌କଣ୍ଟା ମାରି ଚଢ଼େଇଟିଏ କରି ନିଜେ ଭଉଣୀର ବେଶ ହୋଇ ପାଇକ ସହ ଯାଇଛି। ରାଜାଘର ଲୋକେ କହିବାରୁ ମୁଣ୍ଡ କୁଣ୍ଡେଇଛି ଅସୁରୁଣୀ। ବାହାରିଛି କେବଳ 'ଉକୁଣି'। ତା' ଭାଇକୁ କାରାଗାରରେ ବନ୍ଦୀ କରାଗଲା। ଏପଟେ ଚଢ଼େଇ ହୋଇ ରାଜାଘରେ ପହଞ୍ଚି ତା' ଭାଇ ନାଁରେ ଗୀତ ଗାଇଛି। ରାଜା ପାଖରେ ଚଢ଼େଇଟି ଧରା ନ ଦେଇ ତା' ଭାଇ ପାଖରେ ଧରାଦେଇଛି। ଚଢ଼େଇରୁ ପିନ୍‌କଣ୍ଟା କାଢ଼ି ଦେଲାପରେ ସେ ତା'ର ପୂର୍ବ ଅବସ୍ଥା ଫେରି ପାଇଲା। ରାଜାଘର ଲୋକେ ବିଶ୍ୱାସ କଲେ। ଅସୁରୁଣୀ ବୁଢ଼ୀ ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଲା।[୭୨]

'ଅତିଥି ଦେବ ଭବ' ଏହାର ଚିତ୍ର ରହିଛି ଗଳ୍ପରେ। ତା'ଭାଇ କାଠ ଆଣିବାକୁ ଗଲାବେଳେ ଭଉଣୀ ଦେଖିଛି ଖାଇବାକୁ କିଛି ନାହିଁ। ଆମ୍ବଟିକୁ ତିନି ଫାଳ କରି ତିନି ଦେବତାକୁ ଦେଇଛି। ଯଥା:- ''ଦେଇକରି ସର୍‌ଗରୁ ତିନ୍‌ଝଣ୍ ଆଇନେୟ ସିଠୁ ସିଏ କହିଲା ଇମାନେ ଆସିକରି ପହଞ୍ଚିନେୟ, ମୁଇଁ ଆଉ କିସ ଦେବି ଖାଇକି। ଆଉ ତା'ର ଭାଇ ଗୁଟେ ଆମ୍ବ ଆଣିଥାଏ। ଏଇ ଆମ୍ବଟା ଆଉ ମୁଇଁ କାଠରୁ ଆସିନେ ଖାଇବା ଏଇ ରକମ୍ କହୁଥାଏ। ସିଠୁ ଇମାନେ ଯିନ୍ତି ପହଞ୍ଚି ଗେନେୟ ସେଇ ଆମ୍ବଟାକୁ ତିନ୍‌ଫାଳ କରି ଦେଇକରି ଖାଇକି ଦେଲା।''[୭୩]

## ଙ) ଦେବତା ବିଷୟକ :

ବାଥୁଡ଼ି ଜାତିର ଇଷ୍ଟଦେବ 'ବଡ଼ାମ' ଠାକୁର। ତାଙ୍କ ମହିମା ବା 'ବଡ଼ାମ ଠାକୁର' ସମ୍ପର୍କରେ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ। 'ବଡ଼ାମ ଠାକୁର' କୃଷିର ଦେବତା। 'ଲଙ୍ଗଳ' ଜନ୍ମ 'ବଡ଼ାମ ଠାକୁର' ଦ୍ୱାରା ସୃଷ୍ଟି ବୋଲି କିମ୍ବଦନ୍ତୀ ଅଛି।

**'ବଡ଼ାମ ବୁଢ଼ା ବଡ଼ାମ ବୁଢ଼ି' -**

'ବଡାମ ବୁଢ଼ା' ଲଙ୍ଗଳ କାଟିଗଲା, ଆଣିଲେ ହଳ କରିବ। ସେ ଦିନସାରା କାଟିଲା ପରେ ବି ଲଙ୍ଗଳ ପ୍ରସ୍ତୁତି ହୋଇପାରିଲା ନାହିଁ। ଦିନସାରା ଲଙ୍ଗଳ କାଟି କାଟି, ଜଙ୍ଗଲରୁ ଆଳୁ ଖାଏ। 'ବଡ଼ାମ ବୁଢ଼ୀ'ର ଚିନ୍ତା ବଢ଼ିଲା। ଦିନେ ଆସି ଦେଖିଲା ବୁଢ଼ା ନିଶ୍ଚିନ୍ତରେ ଆଳୁ ଖାଇ ଖାଇ ରହିଛି। ସେଇଠୁ ବୁଢ଼ୀ ଆଳୁକୁ ପିତା କରିଦେଲା। ବଡ଼ାମ ବୁଢ଼ୀ ଲଙ୍ଗଳ ତିଆରିବାର ପଦ୍ଧତି ବତେଇ ଦେଲା ଯେ ଆଣ୍ଠୁକୁ ଭାଙ୍ଗି ଗୋଟେ ପାଖେ ଶୋଇ ରହିଲେ ମଣିଷ ଯେମିତି ଦେଖାଯାଏ, ସେହିପରି ଲଙ୍ଗଳ ହେବ। ବଡ଼ାମ ବୁଢ଼ା ଲଙ୍ଗଳ ତିଆରିବାରେ ସକ୍ଷମ ହେଲା। ଏହାପରେ ବୁଢ଼ାବୁଢ଼ୀ ଏକ ଉତ୍ସବର ଆୟୋଜନ କଲେ, ଅନେକ ଲୋକ ଆସିଲେ ଖାଇଲେ, ଗଲେ । ବୁଢ଼ାବୁଢ଼ି ଚାହୁଁଥିଲେ ଲୋକେ ସେମାନଙ୍କ ସମ୍ପର୍କରେ କିଛି ଭଲ କୁହନ୍ତୁ। ଲୋକେ କହିଲେ, ଏଇଟା ହେଲାନି, ସେଇଟା ହେଲାନି।[୭୪]

ଗଳ୍ପରେ ବଡ଼ାମ ବୁଢ଼ା ଓ ବଡ଼ାମ ବୁଢ଼ୀ ମାନବ ସମାଜର ପ୍ରତିକୀତ କରେ। ପ୍ରଥମରେ ବାଥୁଡ଼ି ଜାତିର ବିଶ୍ୱାସ ଓ ମାହାତ୍ମ୍ୟ ତଥା ଲଙ୍ଗଳ ସହ ବଡ଼ାମର ଅବିଚ୍ଛେଦ୍ୟ ସମ୍ପର୍କ ଥିଲାବେଳେ ଦ୍ୱିତୀୟରେ ସମାଜରେ ଦେଖା ଦେଉଥିବା ଅଭାବ ବା କାହାକୁ ସନ୍ତୁଷ୍ଟ କରି ନ ପାରିବାର ମାନସିକତାର ଚିତ୍ର ପ୍ରକଟିତ ହୋଇଛି।

ଲଙ୍ଗଳ ପ୍ରସ୍ତୁତି କରିବାରେ ଚିତ୍ର :- ''ନଙ୍ଗଳ ବୁଢ଼ା ଆଜି ଦାଏଁ କାଟି ନାଇଁ ପାରି? ନା ନାଇଁ। ତୁଇ କଦିଳଟା ପାରିବେ। ଛାଳ୍। ଆୟ, ଇଠେସୁଇବା। ତୁଇ ଇନ୍ତି ସୁ, ମୁଇଁ ଇନ୍ତି ସୁଅୟଁ। ସିଠୁ ସୁଇନେୟ। ଇଏବି କୁଣ୍ଟୁଣୁ ମାରିକରି ସୁଇଲା, ସିଏ ବି କୁଣ୍ଟୁଣୁ ମାରିକରି ସୁଇଲା। କହିଲା ଏଇ

ରକମ୍ ନଙ୍ଗଳ କାଟିବେନା ବୁଢ଼ା ସିଠୁ ଉଠିକରି ଗୁଟେ ଗଛ ହାଣିଲା। ଠିକ୍ ନଙ୍ଗଲ୍ ହେଇଗେଲା।[୭୫]

ବାଥୁଡ଼ି ଜାତିର ସାମାଜିକ ଜୀବନ, ପଶୁପକ୍ଷୀ, ଅସୁରୁଣୀ, ଦେବତା ଓ ରାଜାମନ୍ତ୍ରୀ ବିଷୟକ ପ୍ରତ୍ୟେକଟି ଗଳ୍ପ ପ୍ରାୟତଃ ଅନେକତ୍ର ଶୁଣିବାକୁ ମିଳେ। ମାତ୍ର ଅଞ୍ଚଳ ଭେଦ, ଜାତି ଭେଦରେ ଏହା ପୃଥକ। ସେହିପରି ବାଥୁଡ଼ି ଲୋକକାହାଣୀରେ ଆଞ୍ଚଳିକ ଶବ୍ଦ ସହ ବାଥୁଡ଼ି ଜାତିର ରୀତିନୀତି ଚଳଣି, ଭାଷା ଆଦିର ଚିତ୍ର ଦେଖିବାକୁ ମିଳେ।

ପ୍ରତ୍ୟେକ ଲୋକକାହାଣୀ ଗୁଡ଼ିକ କେଉଁ ଶ୍ରେଣୀୟ ବୁଝିବା ମୁସ୍କିଲ। କାରଣ ବେଳେବେଳେ ରାଜାମନ୍ତ୍ରୀ ଗଳ୍ପରେ, ପଶୁପକ୍ଷୀ ଚରିତ୍ର, ପଶୁପକ୍ଷୀ ବିଷୟକ ଗଳ୍ପରେ ଅସୁରୁଣୀ ଚରିତ୍ରର ସମାବେଶ ଘଟେ।

ରାଜାମନ୍ତ୍ରୀ, ସାଧବ, କଟୁଆଳ ବିଷୟକ ଗଳ୍ପ ବା ରାଜାମନ୍ତ୍ରୀ ଗଳ୍ପରେ ରାଜାମନ୍ତ୍ରୀମାନେ ମୁଖ୍ୟ ଚରିତ୍ର ନ ହୋଇ ଗୌଣ ଚରିତ୍ର ହୋଇଥା'ନ୍ତି। ସେମାନଙ୍କ ପୁଅ ଝିଅ ମାନେ ହିଁ ମୁଖ୍ୟ ଚରିତ୍ରରେ ଅବତୀର୍ଣ୍ଣ ହୋଇଥା'ନ୍ତି।

# ପ୍ରାନ୍ତଟୀକା


୧)  ଗାଁଣ, ଡ. ଅନାଦି ଚରଣ, 'ଲୋକ ସାହିତ୍ୟର ରୂପରେଖ', ମିତା ବୁକ୍‌ସ, ବାଙ୍କା ବଜାର, କଟକ, ୨ୟ ସଂ.୨୦୧୩, ପୃ.୪୯ ।

୨)  ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥମନ୍ଦିର, ବିନୋଦ ବିହାରି, କଟକ, ପୁନଃମୁଦ୍ରଣ - ୨୦୧୦, ପୃ.୫୫ ।

୩)  ମହାପାତ୍ର, ଡ. ଶ୍ୟାମସୁନ୍ଦର, 'ଲୋକସାହିତ୍ୟ ତତ୍ତ୍ୱ' ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ, ୨ୟ ସଂ-୨୦୧୧, ପୃ.୯୧ ।

୪)  ପ୍ରଧାନ, କୃଷ୍ଣଚନ୍ଦ୍ର, 'ଓଡ଼ିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି' ବିଦ୍ୟାପୁରୀ, ବାଲୁବଜାର, କଟକ, ୩ୟ ସଂ.୨୦୧୦, ପୃ.୧୧୨ ।

୫)  ନାଏକ, ବିନୁ, ସ୍ଥାନ - ଚମ୍ପାବଲଦା, ମୟୁରଭଞ୍ଜ।

୬)  ତତ୍ରୈବ।

୭)  ତତ୍ରୈବ।

୮)  ନାଏକ, ବାବୁଲ, ସ୍ଥାନ - ପାଣ୍ଡୁ - ମୟୁରଭଞ୍ଜ।

୯)  ତତ୍ରୈବ।

୧୦)  ତତ୍ରୈବ।

୧୧)  ନାଏକ, ମାମା, ସ୍ଥାନ - ହାତୀମୁଣ୍ଡି, ମୟୁରଭଞ୍ଜ।

୧୨)  ତତ୍ରୈବ।

୧୩)  ତତ୍ରୈବ।

୧୪)  ତତ୍ରୈବ।

୧୫)  ତତ୍ରୈବ।

୧୬) ତତ୍ରୈବ।

୧୭) ତତ୍ରୈବ।

୧୮) ନାଏକ,ପଙ୍କଜିନୀ, ସ୍ଥାନ - ଡୁମୁରିଡିହା, ମୟୁରଭଞ୍ଜ।

୧୯) ତତ୍ରୈବ।

୨୦) ନାଏକ, ପ୍ରମିଳା, ସ୍ଥାନ - ବଳା, ମୟୁରଭଞ୍ଜ।

୨୧) ତତ୍ରୈବ।

୨୨) ତତ୍ରୈବ।

୨୩) ତତ୍ରୈବ।

୨୪) ତତ୍ରୈବ।

୨୫) ଦେହୁରୀ, ସନାତନ, ସ୍ଥାନ - ମତା, ଭୟୁରଭଞ୍ଜ।

୨୬) ତତ୍ରୈବ।

୨୭) ଖଣ୍ଡେଇ, ସପ୍ନା, ସ୍ଥାନ - ପାଟବିଲ, ମୟୁରଭଞ୍ଜ।

୨୮) ତତ୍ରୈବ।

୨୯) ତତ୍ରୈବ।

୩୦) ତତ୍ରୈବ।

୩୧) ତତ୍ରୈବ।

୩୨) ନାଏକ, ଜଗବନ୍ଧୁ, ସ୍ଥାନ - ଲକ୍ଷ୍ମିପଶି, ମୟୁରଭଞ୍ଜ।

୩୩) ତତ୍ରୈବ।

୩୪) ତତ୍ରୈବ।

୩୫) ତତ୍ରୈବ।

୩୬)  ନାଏକ, କାନ୍ଦୁରୁ, ସ୍ଥାନ - ଚିତ୍ରପୋଷି, ମୟୁରଭଞ୍ଜ।

୩୭)  ତତ୍ରୈବ।

୩୮)  ତତ୍ରୈବ।

୩୯)  ତତ୍ରୈବ।

୪୦)  ନାଏକ, ମାଟୁ, ସ୍ଥାନ - ବାଲିପୋଷି, ମୟୁରଭଞ୍ଜ।

୪୧)  ତତ୍ରୈବ।

୪୨)  ତତ୍ରୈବ।

୪୩)  ତତ୍ରୈବ।

୪୪)  ତତ୍ରୈବ।

୪୫)  ତତ୍ରୈବ।

୪୬)  ନାଏକ, ରୁକ୍ମଣୀ, ସ୍ଥାନ - କେନ୍ଦୁମୁଣ୍ଡି, ମୟୁରଭଞ୍ଜ।

୪୭)  ତତ୍ରୈବ।

୪୮)  ତତ୍ରୈବ।

୪୯)  ତତ୍ରୈବ।

୫୦)  ତତ୍ରୈବ।

୫୧)  ତତ୍ରୈବ।

୫୨)  ନାଏକ, ଶିବାନୀ, ସ୍ଥାନ - କରଡିହା, ମୟୁରଭଞ୍ଜ।

୫୩)  ତତ୍ରୈବ।

୫୪)  ନାଏକ, ଜୟନ୍ତୀ, ସ୍ଥାନ - ଅସନପାଟ, ମୟୁରଭଞ୍ଜ

୫୫)  ତତ୍ରୈବ।

୫୬)  ତତ୍ରୈବ।

୫୭)  ତତ୍ରୈବ।

୫୮)  ତତ୍ରୈବ।

୫୯)  ନାଏକ, ମିରା, ସ୍ଥାନ - ରସବନ୍ତଲା, ମୟୁରଭଞ୍ଜ।

୬୦)  ତତ୍ରୈବ।

୬୧)  ତତ୍ରୈବ।

୬୨)  ନାଏକ, ଟୁନି, ସ୍ଥାନ - ସିମିଡିହା, ମୟୁରଭଞ୍ଜ।

୬୩)  ତତ୍ରୈବ।

୬୪)  ତତ୍ରୈବ।

୬୫)  ନାଏକ, ମାନ, ସ୍ଥାନ - ଢେମେଣାନାଳି, ମୟୁରଭଞ୍ଜ।

୬୬)  ତତ୍ରୈବ।

୬୭)  ତତ୍ରୈବ।

୬୮)  ନାଏକ, ସୁମନ୍ତ, ସ୍ଥାନ, ଭାଲିଆ ଡିହା, କେନ୍ଦୁଝର।

୬୯)  ତତ୍ରୈବ।

୭୦)  ତତ୍ରୈବ।

୭୧)  ତତ୍ରୈବ।

୭୨)  ତତ୍ରୈବ।

୭୩)  ତତ୍ରୈବ।

୭୪)  ନାଏକ, ଦେବଜାନି, ସ୍ଥାନ - ଗୋରାଣ୍ଡିଯୋଡ଼ି, କେନ୍ଦୁଝର

୭୫)  ତତ୍ରୈବ।